**ମୃତ ଚାଷୀଙ୍କ ପରିବାରକୁ ଲକ୍ଷେ ଟଙ୍କା ଦେଲେ ରାଣୀ ପଣ୍ଡା**

ସାକ୍ଷୀଗୋପାଳ,(କିଶୋର ମହାପାତ୍ର/ପ୍ରଶାନ୍ତ କୁମାର ବାରିକ)- ୪ଦିନ ତଳେ ମୃତ୍ୟୁବରଣ କରିଥିବା ସ୍ଥାନୀୟ ଡୁଙ୍ଗର ଗ୍ରାମର ମୃତ ଚାଷୀ ପୂର୍ଣ୍ଣଚନ୍ଦ୍ର ଦଳେଇଙ୍କ ପରିବାରକୁ ଭେଟି ଅଭିନେତ୍ରୀ ରାଣୀ ପଣ୍ଡା ୧ ଲକ୍ଷ ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ଗ୍ରାମ ତଥା ପାରିବାରିକ ରୀତିନୀତି ଅନୁଯାୟୀ ଏକାଦଶାହ ଉପଲକ୍ଷେ ୮ଶହ ଲୋକଙ୍କ ପାଇଁ ମହାପ୍ରସାଦ ସେବନ କରାଇବାର ସମ୍ପୂର୍ଣ୍ଣ ବ୍ୟୟ ଓ ସମସ୍ତ ବ୍ୟବସ୍ଥା ନିଜେ କରାଇବେ ବୋଲି ଅଭିନେତ୍ରୀ ପଣ୍ଡା ପରିବାର ଲୋକଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ରଣବୋଝ ସାଙ୍ଗକୁ ଫସଲହାନି ସେପଟେ ପରିବାରର ମୁଖିଆଙ୍କୁ ହରାଇ ଭାଙ୍ଗି ପଡ଼ିଥିବା ପରିବାର ପାଇଁ ରାଣୀ ପଣ୍ଡା ଝିଅଠାରୁ ଅଧିକ କର୍ତ୍ତବ୍ୟ କରିଥିବାରୁ ସେମାନେ ତାଙ୍କୁ ଆଶୀର୍ବାଦ କରିଛନ୍ତି।

**ଶ୍ରୀମନ୍ଦିର ହୁଣ୍ଡିରୁ ଆୟ**



୨୭।୧୨।୨୦୨୪

| | |
|---|---|
| ୮,୪୮,୧୦୫ ଟଙ୍କା | |
| ସୁନା | ୧୧.୨୫୦ ଗ୍ରାମ୍ |
| ରୁପା | ୫୦.୨୦୦ ଗ୍ରାମ୍ |

# ନିୟୋଜନ ହେବେ ୨୦ ପ୍ଲାଟୁନ୍ ଫୋର୍ସ, ୩୦୦ ସ୍ୱେଚ୍ଛାସେବୀ

**ଚନ୍ଦ୍ରଭାଗା ମାଘସପ୍ତମୀ ବୁଡ଼ ପାଇଁ ପ୍ରଥମ ସମନ୍ୱୟ କମିଟି ବୈଠକ**

କୋଣାର୍କ,୨୭।୧୨(ଜ୍ୟୋତିରାଜ ମହାନ୍ତି)

ଚନ୍ଦ୍ରଭାଗା ମାଘସପ୍ତମୀ ବୁଡ଼ ନିମନ୍ତେ ଶୁକ୍ରବାର କୋଣାର୍କସ୍ଥିତ ଯାତ୍ରୀନିବାସ ସମ୍ମେଳନ କକ୍ଷରେ ପୁରୀ ଜିଲା ଅତିରିକ୍ତ ଜିଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରାଙ୍କ ଅଧ୍ୟକ୍ଷତାରେ ପ୍ରଥମ ସମନ୍ୱୟ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ରାମଚଣ୍ଡୀ ପୀଠ, ମେଳା ପଡ଼ିଆ ଓ କୋଣାର୍କ ବସ୍‌ଷ୍ଟାଣ୍ଡଠାରେ ୩ଟି ଅସ୍ଥାୟୀ ସ୍ୱାସ୍ଥ୍ୟସେବା ଶିବିର ଖୋଲାଯିବା ସହ କୋଣାର୍କ, ଗୋପ, ଚାରିଛକ ଓ ବାଲୁଙ୍ଗିଗାଁ ମେଡିକାଲରେ ଆବଶ୍ୟକ ଔଷଧ ମହଜୁଦ ରଖିବା ସହିତ କୋଣାର୍କ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରଠାରେ ୨୪ ଘଣ୍ଟିଆ ସ୍ୱାସ୍ଥ୍ୟ ଓ ଆମ୍ବୁଲାନ୍ସ ସେବା ଉପଲବ୍ଧ ହେବ ବୋଲି ଜିଲା ଅତିରିକ୍ତ ଚିକିତ୍ସା ଅଧିକାରୀ ବିରଜା ଶଙ୍କର ରଥ କହିଛନ୍ତି। ବୈଠକରେ ଶ୍ରଦ୍ଧାଳୁ ଭକ୍ତମାନଙ୍କ ପାଇଁ ୱାଟ୍‌କୋ ପକ୍ଷରୁ ମେଳା ପଡ଼ିଆରେ ୮୦ଗୋଟି ନଳକୂପ ବସାଯିବା ସହିତ ଟ୍ୟାଙ୍କର ଯୋଗେ ପାନୀୟ ଜଳର କାର୍ଯ୍ୟ କରିବା ପାଇଁ ବୈଠକରେ ନିଷ୍ପତ୍ତି ହୋଇଛି। କୋଣାର୍କ ଏନ୍‌ଏସି ପକ୍ଷରୁ ମେଳାପଡ଼ିଆ ଓ କୋଣାର୍କ ଏନ୍‌ଏସିର ସମସ୍ତ ଅଞ୍ଚଳରେ ସଫେଇ କାର୍ଯ୍ୟ, ଡ୍ରେନେଜ ବିଭାଗ ପକ୍ଷରୁ ତୀର୍ଥ ପୁଷ୍କରିଣୀ ଖନନ, ପୂର୍ତ୍ତ ବିଭାଗ ପକ୍ଷରୁ ମେଳା ପଡ଼ିଆ ଓ ନବଗ୍ରହ ପୀଠଠାରେ ବ୍ୟାରିକେଡ୍ ନିର୍ମାଣ ଓ ରାସ୍ତା ମରାମତି କାର୍ଯ୍ୟ, ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଚନ୍ଦ୍ରଭାଗା ମେରାଇନ ଥାନାଠାରୁ ରାମଚଣ୍ଡୀ ପୀଠ ପର୍ଯ୍ୟନ୍ତ ରାସ୍ତାର ମରାମତି, କୋଣାର୍କ ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ ପକ୍ଷରୁ ଶ୍ରଦ୍ଧାଳୁ ଭକ୍ତଙ୍କ ନିମନ୍ତେ ବଟିଘର ସାମ୍ନା ରାସ୍ତା ଓ ତୀର୍ଥ ପୁଷ୍କରିଣୀ ପଛପଟେ ୧୦୦ ଗୋଟି ଅସ୍ଥାୟୀ ପାଇଖାନା ନିର୍ମାଣ କରାଯିବ ବୋଲି ନିଷ୍ପତ୍ତି ହୋଇଛି।

ଜିଲା ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ମେଳାପଡ଼ିଆ ଓ ନବଗ୍ରହ ପୀଠରେ ୨ଟି ହଜିଲା ଖୋଜିଲା ମଞ୍ଚ ଓ ସଂସ୍କୃତି ବିଭାଗ ପକ୍ଷରୁ ରାତିତମାମ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ। ମାଘସପ୍ତମୀ ବୁଡ଼ ନିମନ୍ତେ ପୁରୀ ଜିଲା ଆରକ୍ଷୀ ଅଧୀକ୍ଷକଙ୍କ ନେତୃତ୍ୱରେ ୨୦ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯିବ ବୋଲି ପୁରୀ ଜିଲା ଅତିରିକ୍ତ ଏସପି ବିଷ୍ଣୁପ୍ରସାଦ ପତି ପ୍ରକାଶ କରିଛନ୍ତି। ଶ୍ରଦ୍ଧାଳୁମାନଙ୍କ ବୁଡ଼ ନିମନ୍ତେ ୩୦୦ ସ୍ୱେଚ୍ଛାସେବୀ ନିୟୋଜିତ ହେବେ। ଏହି ପରିପ୍ରେକ୍ଷୀରେ ଟ୍ରାଫିକ ବ୍ୟବସ୍ଥା, ପୋଲିସ ପାଟ୍ରୋଲିଂ ଓ ପାର୍କିଂ ବ୍ୟବସ୍ଥା ପାଇଁ ନିଷ୍ପତ୍ତି ହୋଇଛି। ଏହି ପ୍ରଥମ ସମନ୍ୱୟ କମିଟି ବୈଠକରେ କୋଣାର୍କ ଏନ୍‌ଏସି ଅଧ୍ୟକ୍ଷା ସଂଯୁକ୍ତା ତ୍ରିପାଠୀ, ପୁରୀ ଉପଜିଲାପାଳ ରାଜକିଶୋର ଜେନା, ଜିଲା ଅତିରିକ୍ତ ମୁଖ୍ୟ ଉନ୍ନୟନ ଅଧିକାରୀ ରାଜୀବ କୁମାର ବେହେରା, କୋଣାର୍କ ଏନ୍‌ଏସି ନିର୍ବାହୀ ଅଧିକାରୀ ତଥା ଗୋପ ବ୍ଲକ ବିଡିଓ ଛବିରାଣୀ ସାହୁ, ଜିଲା ସଂସ୍କୃତି ଅଧିକାରୀ ହେମନ୍ତ କୁମାର ବେହେରା, ସୂଚନା ଓ ଲୋକସମ୍ପର୍କ ବିଭାଗ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

**ଯୌତୁକ ଜୁଇରେ ନବବଧୂ ହତ୍ୟା ଘଟଣା**

### ସ୍ୱାମୀ, ଶ୍ୱଶୁର ଗିରଫ

ଅସ୍ତରଙ୍ଗ,୨୭।୧୨(ପ୍ରଦୀପ୍ତ କୁମାର ଦୀକ୍ଷିତ)

ଅସ୍ତରଙ୍ଗ ଥାନା ଅନ୍ତର୍ଗତ କଣ୍ଟାପଡ଼ା ଗ୍ରାମରେ ଯୌତୁକ ପାଇଁ ନବବଧୂ ଦୀପଶିଖାଙ୍କ ମୃତ୍ୟୁ ହୋଇଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ଦୀପଶିଖା ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି ବୋଲି ଶ୍ୱଶୁରଘର ଲୋକେ କହିଛନ୍ତି। ଏହା ଆତ୍ମହତ୍ୟା ନୁହେଁ ବରଂ ଶାଶୁଘର ଲୋକମାନେ ଝିଅକୁ ମାରିଦେଇଛନ୍ତି ବୋଲି ଅସ୍ତରଙ୍ଗ ଥାନାରେ ଦୀପଶିଖାଙ୍କ ବାପା ଏକ ଅଭିଯୋଗରେ ଦର୍ଶାଇଛନ୍ତି। ଖବରପାଇ ପୋଲିସ କଣ୍ଟାପଡ଼ା ଗାଁରେ ପହଞ୍ଚିବା ପରେ ସ୍ୱାମୀ ରାଜେଶ ଓଝା ଓ ଶ୍ୱଶୁର ନବଘନ ଓଝାଙ୍କୁ ଥାନାରେ ଅଟକ ରଖି ପଚରାଉଚରା ପରେ କେସ୍ ନଂ. ୨୬୪/୨୪ରେ ସ୍ୱାମୀ ରାଜେଶ ଓଝା, ଶ୍ୱଶୁର ନବଘନ ଓଝା ଓ ଶାଶୁ କୁନିଲତା ଓଝାଙ୍କ ନାଁରେ ମାମଲା ରୁଜୁ କରିଥିଲା। ଶୁକ୍ରବାର ଅପରାହ୍ଣରେ ସ୍ୱାମୀ ଓ ଶ୍ୱଶୁରଙ୍କୁ ଗିରଫକରି କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ଜେଲ ହାଜତକୁ ପଠାଯାଇଛି।

### ଡକାୟତି ଯୋଜନା ପଣ୍ଡ: ୫ ଗିରଫ

ପୁରୀ,୨୭।୧୨(ଅଜିତ୍ କୁମାର ମହାନ୍ତି)

ବାସେଳିସାହି ଥାନା ଅଞ୍ଚଳରେ ଡକାୟତି ପାଇଁ ଯୋଜନା କରୁଥିବାବେଳେ ୫ଜଣଙ୍କୁ ଗିରଫ କରି ପୋଲିସ ଶୁକ୍ରବାର କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ପୁରୀ ଟାଉନ ଥାନା ଅନ୍ତର୍ଗତ ଚକ୍ରକୋଟ ଲେନ୍ ଅଞ୍ଚଳର ଦେବାନନ୍ଦ ଦାଶ, ବଳିଆପଣ୍ଡା ଥାନା ଅନ୍ତର୍ଗତ ଗଜଲକ୍ଷ୍ମୀ ଲେନ୍ ଅଞ୍ଚଳର ରାକେଶ କୁମାର ସାହୁ, ବାସେଳି ସାହି ଥାନା ଅନ୍ତର୍ଗତ ଓଡ଼ିଆ ମଠ ନିକଟ ବନଦୁର୍ଗା ଛକ ଅଞ୍ଚଳର ଚିତ୍ତରଞ୍ଜନ ପୁରୋହିତ, ମିଶ୍ରସାହି ଅଲେଇ ଲେନ୍ ଅଞ୍ଚଳର ହରିଶଙ୍କର କାନୁନ୍‌ଗୋ ଏବଂ ନୀଳଚକ୍ର ଲେନ୍ ଅଞ୍ଚଳର ରାକେଶ କୁମାର ମହାପାତ୍ର। ପୋଲିସ ଅଭିଯୁକ୍ତମାନଙ୍କ ନିକଟରୁ ଦୁଇଟି ଖଣ୍ଡା, ଗୋଟିଏ ଲୁହାରଡ୍, ଲଙ୍କାଗୁଣ୍ଡ, ବିୟର ବୋତଲ, ପାଟିଆ ସହ ଅନ୍ୟାନ୍ୟ ଜିନିଷ ଜବତ କରିଛି। ଏ ନେଇ ପୋଲିସ ଏକ କେସ୍ (ନଂ. ୨୭୫/୨୪) ରୁଜୁ କରିଛି। ପୋଲିସ ସୂଚନା ଅନୁଯାୟୀ, ଉପରୋକ୍ତ ଅଭିଯୁକ୍ତମାନେ ମଙ୍ଗଳାଘାଟ ଛକ ନିକଟ ଏକ ବିଲ୍‌ଡିଂ ନିକଟରେ ବିଭିନ୍ନ ମାରଣାସ୍ତ୍ର ଧରି ଡକାୟତି କରିବା ନିମନ୍ତେ ଏକାଠି ବସି ଯୋଜନା କରୁଥିବା ନେଇ ପୋଲିସ ବିଶେଷ ସୂତ୍ରରୁ ଖବର ପାଇ ସେଠାରେ ଚଢ଼ାଉ କରିଥିଲା।

# ଶାସ୍ତ୍ରୀୟ ନୃତ୍ୟରେ ଦୁର୍ଗାଙ୍କ ୯ ରୂପ

**ନିମାପଡ଼ା ମହୋତ୍ସବ ଉଦ୍‌ଯାପିତ**

ନିମାପଡ଼ା,୨୭।୧୨(ବିଚିତ୍ରାନନ୍ଦ ସାହୁ/ରଞ୍ଜନ ପଟ୍ଟନାୟକ)



କୋଲକାତା ସିକ୍ସଟି ଡ୍ୟାନ୍ସ ଗ୍ରୁପର କଳାକାରମାନେ ଭାରତନାଟ୍ୟମ ନୃତ୍ୟ ପରିବେଷଣ କରୁଛନ୍ତି।

ନିମାପଡ଼ା ମହୋତ୍ସବ କମିଟି ଓ ହେଲ୍ପଲାଇନ ପକ୍ଷରୁ ମୁକ୍ତାକାଶ ମଞ୍ଚରେ ଆୟୋଜିତ ୨୪ତମ ନିମାପଡ଼ା ମହୋତ୍ସବ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଅତିଥି ଭାବେ ଭୁବନେଶ୍ୱର ଏନ୍‌ଏମ୍ ଇନ୍‌ଷ୍ଟିଚ୍ୟୁଟ୍ ନିର୍ଦ୍ଦେଶିକା ରିଚା ପରିଡ଼ା, ଅଧ୍ୟକ୍ଷ ଅନ୍ୱେଷ ଦାସ, ଶିଳ୍ପା ପରିଡ଼ା, ଆୟୋଜକ ହେଲ୍ପଲାଇନ ସଭାପତି ଅକ୍ଷୟ ସାହୁ, ସମ୍ପାଦକ ନିଗମାନନ୍ଦ ସାହୁ,ପ୍ରତାପ ପାତ୍ର ପ୍ରମୁଖ ଯୋଗଦେଇ ମହୋତ୍ସବର ସଫଳ କାମନା କରିଥିଲେ। ଓଡ଼ିଶାର କଳା, ସଂସ୍କୃତି, ଐତିହ୍ୟ, ପରମ୍ପରା, ଲୋକକଳାକୁ ଉଜ୍ଜୀବିତ କରି ରଖିବା ଏହି ମହୋତ୍ସବର ମୂଳମନ୍ତ୍ର ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଉଦ୍‌ଯାପନୀ ସନ୍ଧ୍ୟାରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମରେ କୋଲକାତାର ସିକ୍ସଟି ଡ୍ୟାନ୍ସ ଏକାଡେମୀର କଳାକାରଙ୍କ ପକ୍ଷରୁ ପରିବେଶିତ ଚିତାକର୍ଷକ ଭାରତନାଟ୍ୟମ ନୃତ୍ୟରେ ମହାଦେବ ଶିବଙ୍କ ଉପରେ ଆଧାରିତ ଦୀପମ୍ ଜ୍ୟୋତି ପରମ୍ ବ୍ରହ୍ମ ସ୍ୱାଗତଂ ସ୍ୱାଗତ ନୃତ୍ୟ ଦର୍ଶକଙ୍କୁ ବେଶ୍ ବିମୋହିତ କରିଥିଲା। ଭୁବନେଶ୍ୱର ନୃତ୍ୟ ସୁଧା ଡ୍ୟାନ୍ସ ଏକାଡେମୀ ପକ୍ଷରୁ ଆକର୍ଷଣୀୟ ଶାସ୍ତ୍ରୀୟ ନୃତ୍ୟ ମା' ଦୁର୍ଗାଙ୍କ ୯ଟି ରୂପକୁ ନେଇ ନବଦୁର୍ଗା ନୃତ୍ୟ, ବେଙ୍ଗଲି ଫୋକ୍ ନୃତ୍ୟ ମକର ପରବ ପରିବେଶିତ ହୋଇଥିଲା। ଶେଷ ସନ୍ଧ୍ୟାରେ ବଲିଉଡ୍ ସଙ୍ଗୀତଜ୍ଞ ସଲୀମ ଓ ସୁଲେମାନଙ୍କ ଗ୍ରୁପ ପକ୍ଷରୁ ପରିବେଶିତ ଆକର୍ଷଣୀୟ ନୃତ୍ୟ ସଙ୍ଗୀତ ମେଲୋଡି ଧମାକା ଦର୍ଶକଙ୍କୁ ମତୁଆଲା କରିଥିଲା। ମହୋତ୍ସବ ସ୍ଥଳରେ ଓରମାସ୍ ପକ୍ଷରୁ ଆୟୋଜିତ ଗ୍ରାମଶ୍ରୀ ମେଳା ଓ ମୀନା ବଜାର, ଫେରା ପାର୍ଟିରେ ଦର୍ଶକଙ୍କ ବେଶ ଭିଡ଼ ଜମିଥିଲା। ଶିକ୍ଷକ ପ୍ରତାପ ରାଉତ, ସଙ୍ଗୀତ ଗୁରୁ ନିରଞ୍ଜନ ପଲତା, ସ୍ୱାଗତିକା ନାୟକ ପ୍ରମୁଖ ଏଥିରେ ପରିଚାଳନା ଓ ସଂଯୋଜନା କରିଥିଲେ। ଶାନ୍ତିଶୃଙ୍ଖଳା ରକ୍ଷା, ଟ୍ରାଫିକ୍ ନିୟନ୍ତ୍ରଣ ପାଇଁ ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା।

### କ୍ଷୟକ୍ଷତି ଆକଳନ କଲେ ଏମ୍‌ପି, ବିଧାୟକ

ସାକ୍ଷୀଗୋପାଳ,୨୭।୧୨(ପ୍ରଶାନ୍ତ କୁମାର ବାରିକ/କିଶୋର ମହାପାତ୍ର)

ଲଘୁଚାପଜନିତ ବର୍ଷାରେ ସତ୍ୟବାଦୀ ବ୍ଲକ୍‌ର ବିଭିନ୍ନ ଅଞ୍ଚଳରେ ଧାନ ଫସଲ ନଷ୍ଟ ହୋଇଛି। ତେଣୁ ଧାନ ଚାଷ କ୍ଷୟକ୍ଷତିର ଅନୁଧ୍ୟାନକରିବା ପାଇଁ ଶୁକ୍ରବାର ପୂର୍ବାହ୍ଣରେ ପୁରୀ ଏମ୍‌ପି ସମ୍ବିତ ପାତ୍ର ଓ ସତ୍ୟବାଦୀ ବିଧାୟକ ଓମ୍ ପ୍ରକାଶ ମିଶ୍ର ସତ୍ୟବାଦୀ ଗସ୍ତ କରିଥିଲେ। ଏହି ସମୟରେ ସତ୍ୟବାଦୀର ବିଭିନ୍ନ ପଞ୍ଚାୟତ ଚାଷୀଙ୍କ ଚାଷଜମି ବୁଲି ଦେଖିବା ସହ କ୍ଷୟକ୍ଷତି ସମ୍ପର୍କରେ କୃଷକଙ୍କ ସହ ଆଲୋଚନା କରିଥିଲେ। ଉଭୟ ନେତା ମୁଖ୍ୟତଃ ଶ୍ରୀରାମଚନ୍ଦ୍ରପୁର ପଞ୍ଚାୟତର ଆଳସରଙ୍ଗ, ପୀରହାଟ, ସାଣ୍ଡରା ଶାସନ ଓ ଦାସବିଦ୍ୟାଧରପୁର ଗହୀରର ଉଜୁଡ଼ି ଯାଇଥିବା ଧାନଚାଷ କ୍ଷେତକୁ ଯାଇ ଅନୁଧ୍ୟାନ କରିବା ସହ କ୍ଷତିଗ୍ରସ୍ତ ଚାଷୀଙ୍କୁ ସରକାରଙ୍କ ମାନଦଣ୍ଡ ଅନୁଯାୟୀ ସମସ୍ତ ସହାୟତା ପ୍ରଦାନ ନିମନ୍ତେ ପ୍ରତିଶ୍ରୁତି ଦେଇଥିଲେ। ଗସ୍ତ ସମୟରେ ଭାଜପା ବରିଷ୍ଠ ନେତା ତ୍ରିଲୋଚନ ରଥ, ପୂର୍ବତନ ସତ୍ୟବାଦୀ ବ୍ଲକ ଅଧ୍ୟକ୍ଷା ସସ୍ମିତା ପ୍ରଧାନ, ସରପଞ୍ଚ ବର୍ଷାରାଣୀ ସେଠୀ, ଶଙ୍କର ପ୍ରଧାନ, ଅଶୋକ ରାଉତରାୟ, ହରପ୍ରସାଦ ରଥ, ସନ୍ତୋଷ ନନ୍ଦ, ନିରଞ୍ଜନ ମିଶ୍ର, ପ୍ରଭାତ କୁମାର ମିଶ୍ର, ଉମେଶ ଚନ୍ଦ୍ର ପ୍ରଧାନ, ଘନଶ୍ୟାମ ସାହୁ ଓ ସଂଗ୍ରାମ ପ୍ରଧାନଙ୍କ ସମେତ ଦଳୀୟ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।

### ମୃତ ଚାଷୀଙ୍କ ପରିବାରକୁ ଭେଟିଲେ ଏମ୍‌ପି, ବିଧାୟକ

ଚଳିତ ମାସ ୨୪ରେ ସତ୍ୟବାଦୀ ବ୍ଲକ ବୀରରାମଚନ୍ଦ୍ରପୁର ପଞ୍ଚାୟତ ଡୁଙ୍ଗର ଗ୍ରାମର ଚାଷୀ ସ୍ୱର୍ଗତ ପୂର୍ଣ୍ଣଚନ୍ଦ୍ର ଦଳେଇଙ୍କ ପରିବାରକୁ ଭେଟି ଆଲୋଚନା କରିବା ସହ ସମବେଦନା ଜଣାଇଥିଲେ ପୁରୀ ଏମ୍‌ପି ସମ୍ବିତ ପାତ୍ର ଓ ବିଧାୟକ ଓମ୍ ପ୍ରକାଶ ମିଶ୍ର। ପରେ ସ୍ୱର୍ଗତ ଚାଷୀଙ୍କ କ୍ଷତିଗ୍ରସ୍ତ ଧାନବିଲ ପରିଦର୍ଶନ କରିଥିଲେ। ଚାଷୀ ସ୍ୱର୍ଗତ ଦଳେଇଙ୍କ ମୃତ୍ୟୁକୁ ନେଇ ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିରୁ ଆର୍ଥିକ ସହାୟତା ନିମନ୍ତେ ପରିବାର ଲୋକଙ୍କୁ ପ୍ରତିଶ୍ରୁତି ପ୍ରଦାନ କରିଥିଲେ ଉଭୟ ନେତା।

**ପେଣ୍ଠପଡ଼ା ପଞ୍ଚାୟତ ଗ୍ରାମସଭା**

### ବିଭାଗୀୟ ଅଧିକାରୀ ଯୋଗ ନ ଦେବାରୁ ଅସନ୍ତୋଷ

ସାକ୍ଷୀଗୋପାଳ,୨୭।୧୨ (ପ୍ରଶାନ୍ତ କୁମାର ବାରିକ/କିଶୋର ମହାପାତ୍ର)

ସତ୍ୟବାଦୀ ବ୍ଲକ ପେଣ୍ଠପଡ଼ା ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଶୁକ୍ରବାର ବିଡିଓଙ୍କ ନିର୍ଦ୍ଦେଶକ୍ରମେ ଗ୍ରାମସଭା ଅନୁଷ୍ଠିତ ହୋଇଯାଇଛି। ନିଜ ଗାଁ, ନିଜ ପଞ୍ଚାୟତର ବିକାଶ ପାଇଁ ନିଜେ ବସି ଯୋଜନା ପ୍ରସ୍ତୁତ କରିବାର ଏହିସଭା ହେଉଛି ଏକ ସାମ୍ବିଧାନିକ ସ୍ୱୀକୃତିପ୍ରାପ୍ତ ବ୍ୟବସ୍ଥା। ସରକାରୀ ଯୋଜନାକୁ ବାସ୍ତବ ରୂପ ଦେବା ପାଇଁ ବିଭିନ୍ନ ବିଭାଗର ଅଧିକାରୀମାନେ ସଭାରେ ଉପସ୍ଥିତ ରହିବା ଲାଗି ଗ୍ରାମସଭାର ସ୍ପଷ୍ଟ ନିୟମ ରହିଥିବା ବେଳେ ପେଣ୍ଠପଡ଼ା ପଞ୍ଚାୟତ କାର୍ଯ୍ୟାଳୟରେ ଅନୁଷ୍ଠିତ ଗ୍ରାମସଭାରେ ଅଧିକାଂଶ ବିଭାଗର କର୍ମଚାରୀ କିମ୍ବା ଅଧିକାରୀ ଅନୁପସ୍ଥିତ ଥିଲେ । ଏ ନେଇ ସଭାରେ ଯୋଗଦେଇଥିବା ସଦସ୍ୟମାନେ ଅସନ୍ତୋଷ ପ୍ରକାଶ କରିଥିଲେ।

### 'ଚିରଦିନ ଦେଶବାସୀଙ୍କ ମନେରହିବେ ମନମୋହନ ସିଂ'

ପୁରୀ,୨୭।୧୨(ଅଜିତ୍ କୁମାର ମହାନ୍ତି)

ପୂର୍ବତନ ପ୍ରଧାନମନ୍ତ୍ରୀ ଡ. ମନମୋହନ ସିଂଙ୍କ ପରଲୋକରେ ଶୁକ୍ରବାର ପୁରୀ ଜିଲା କଂଗ୍ରେସ କମିଟି ପକ୍ଷରୁ ଜିଲା କାର୍ଯ୍ୟାଳୟ (ଇନ୍ଦିରା ଭବନ)ରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲା ସଭାପତି ଜୟ ନାରାୟଣ ପଟ୍ଟନାୟକ ସଭାପତିତ୍ୱ କରିଥିଲେ। ଡ. ସିଂଙ୍କ ସୁଶାସନ ଓ ଦେଶ ପ୍ରତି ଅବଦାନ ଅତୁଳନୀୟ ସମ୍ପର୍କରେ ସ୍ମୃତିଚାରଣ କରାଯାଇଥିଲା। ଖାଦ୍ୟ ସୁରକ୍ଷା ଯୋଜନା, ଏମ୍‌ଜିଏନ୍‌ଆର୍‌ଇଜିଏସ୍, ଆଧାର କାର୍ଡ, ଜାତୀୟ ସ୍ୱାସ୍ଥ୍ୟ ଆଇନ୍, ଜାତୀୟ ସୂଚନା ଅଧିକାର ଆଇନ, ମହିଳା ସଶକ୍ତୀକରଣ ଭଳି ଅନେକ ଲୋକହିତକର ଯୋଜନା ନିମନ୍ତେ ଦେଶବାସୀ ତାଙ୍କ ପାଖରେ ଚିରଋଣୀ। ପୁରୀ ମେଡିକାଲ କଲେଜ ପ୍ରତିଷ୍ଠା ନିମନ୍ତେ ଅତୁଳନୀୟ ଅବଦାନ ପାଇଁ ସେ ସ୍ମରଣୀୟ ରହିବେ ବୋଲି ଶୋକ ସଭାରେ ମତ ପ୍ରକାଶ ପାଇଥିଲା। ସଭାରେ ବରିଷ୍ଠ କଂଗ୍ରେସ ନେତା ପୁଷ୍କର ମହାପାତ୍ର, ରାଜେଶ କୁମାର ମିଶ୍ର, ବୈଦ୍ୟନାଥ ପାଣି, ବିଶ୍ୱକେଶନ ହରିଚନ୍ଦନ ମହାପାତ୍ର, ସୁକାନ୍ତ କୁମାର ପ୍ରଧାନ, ଅମରେନ୍ଦ୍ର ପାଇକରାୟ, ଉମାକାନ୍ତ ବରାଳ, କାଳୀପ୍ରସାଦ ନାୟକ, ବିଭୂଦତ୍ତ ମିଶ୍ର, ଜୀବେଶ ଚନ୍ଦ୍ର ରଥ, ଆଶୁତୋଷ ମିଶ୍ର, ସସ୍ମିତା ବେହେରା, ସରସ୍ୱତୀ ପାତ୍ର, ପ୍ରମୋଦ ପ୍ରଧାନ, ବିପିନ ଦଳାଇ, ଆର୍ତ୍ତତ୍ରାଣ ସାହୁ, ସରସ୍ୱତୀ ପାତ୍ର, ସୀତାକାନ୍ତ ମହାନ୍ତି, ସ୍ୱାଧୀନ କୁମାର ପଣ୍ଡା, ଅବିନାଶ ମିଶ୍ର, ଆଲୋକ କୁମାର ଦାଶ, ରଶ୍ମିକାନ୍ତ ସାହୁ, ଉମାକାନ୍ତ ବେହେରା, ପବିତ୍ର ମୋହନ ଦଳେଇ ପ୍ରମୁଖ ଉପସ୍ଥିତ ରହି ସ୍ୱର୍ଗତ ସିଂଙ୍କ ଅମର ଆତ୍ମାର ସଦ୍‌ଗତି କାମନା ସହ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ।

### ଟଙ୍କା ଦେଣନେଣକୁ ନେଇ ଆକ୍ରମଣ, ଜଣେ ଗିରଫ

ଅସ୍ତରଙ୍ଗ,୨୭।୧୨(ପ୍ରଦୀପ୍ତ କୁମାର ଦୀକ୍ଷିତ)

ଟଙ୍କା ନେଣଦେଣକୁ ନେଇ ଯୁବକଙ୍କୁ ମୁଖ୍ୟ ରାସ୍ତା ଉପରେ ମରଣାନ୍ତକ ଆକ୍ରମଣ ହୋଇଥିବା ଜଣାପଡ଼ିଛି। ଫଳରେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ତାଙ୍କୁ ଉଦ୍ଧାର କରାଯାଇଥିଲା। ସୂଚନା ମୁତାବକ ପୁରୀ ଜିଲା ଅସ୍ତରଙ୍ଗ ଥାନା ଅନ୍ତର୍ଗତ କୁସୁମ୍ବର ଗ୍ରାମର ଦୁଷ୍ମନ୍ତ ଦାସ ଅସ୍ତରଙ୍ଗ ଆସିବା ପାଇଁ ରାସ୍ତାର ଗୋଟିଏ ପାର୍ଶ୍ୱରୁ ଅନ୍ୟ ଏକ ପାର୍ଶ୍ୱକୁ ଆସୁଥିବା ବେଳେ ଟଙ୍କା ଦେଣନେଣକୁ ନେଇ ବାନାମ୍ବର ଦାସ ଓ ଦୁଷ୍ମନ୍ତ ଦାସ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ବଚସା ତୀବ୍ର ହେବାରୁ ବାନାମ୍ବର ଦାସ ହାତରେ ଏକ ଫାର୍ସାରେ ଦୁଷ୍ମନ୍ତଙ୍କ ମୁହଁକୁ ୩ରୁ ୪ ଚୋଟ ଓ ଛାତିକୁ ମଧ୍ୟ ଆକ୍ରମଣ କରିଥିଲେ। ରକ୍ତ ଜୁଡୁବୁଡୁ ଅବସ୍ଥାରେ ତଳେ ପଡ଼ି ଚିତ୍କାର କରୁଥିବା ବେଳେ ଦୁଷ୍ମନ୍ତଙ୍କୁ ସୁବ୍ରତ ଦାସ ଓ ଯୋଗିଆ ଦାସ ଏକ ଠେଙ୍ଗାରେ ଆକ୍ରମଣ କରିଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ପରେ ଅସ୍ତରଙ୍ଗ ଥାନାରେ ଅଭିଯୋଗ ପରେ ପୋଲିସ ଅଭିଯୋଗକୁ ଭିତ୍ତିକରି ଥାନାରେ କେସ ନଂ. ୨୬୩/୨୪ରେ ମାମଲା ରୁଜୁକରି ତଦନ୍ତ କରିବା ସହ ଶୁକ୍ରବାର ଅପରାହ୍ଣରେ ଆକ୍ରମଣକାରୀ ବାନାମ୍ବର ଦାସଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି।

# ୭ ଦିନିଆ ଗାନ୍ଧୀ ଶିଳ୍ପ ବଜାର ଉଦ୍‌ଘାଟିତ

**ଯୋଗଦେଇଛନ୍ତି ଓଡ଼ିଶା ସମେତ ବିଭିନ୍ନ ରାଜ୍ୟର ୫୦ରୁ ଊର୍ଦ୍ଧ୍ୱ ହସ୍ତଶିଳ୍ପ କାରିଗର**

କୋଣାର୍କ,୨୭।୧୨(ଜ୍ୟୋତିରାଜ ମହାନ୍ତି)



ଗାନ୍ଧୀ ଶିଳ୍ପ ବଜାର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

କୋଣାର୍କସ୍ଥିତ ଅର୍ବାନ ହାଟ ପରିସରରେ ଭାରତ ସରକାରଙ୍କ ବସ୍ତ୍ର ମନ୍ତ୍ରଣାଳୟ ସହାୟତାରେ ହସ୍ତଶିଳ୍ପ ସେବା କେନ୍ଦ୍ର, ଭୁବନେଶ୍ୱର ଆନୁକୂଲ୍ୟରେ ୭ ଦିବସୀୟ ଗାନ୍ଧୀ ଶିଳ୍ପ ବଜାର ଉଦ୍‌ଘାଟିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଅତିଥି ଭାବେ ଶଙ୍ଖ ଓ ଶାମୁକା ଶିଳ୍ପରେ ଜାତୀୟ ପୁରସ୍କାରପ୍ରାପ୍ତ କାରିଗର ଜଗନ୍ନାଥ ମହାପାତ୍ର, ପୁରୀର ବିଶିଷ୍ଟ ସାମାଜିକ କର୍ମୀ ରାଜେଶ କୁମାର ମହାନ୍ତି ଓ ହସ୍ତଶିଳ୍ପ ସେବା କେନ୍ଦ୍ରର ସହାୟକ ନିର୍ଦ୍ଦେଶକ ପୁଷ୍ପ ରାଜନ ପ୍ରମୁଖ ଉପସ୍ଥିତ ଥିଲେ। ଶିଳ୍ପବଜାର ମାଧ୍ୟମରେ ଭାରତର ବିଭିନ୍ନ ରାଜ୍ୟର ବୁଣାକାର ଓ କାରିଗରମାନେ ଯୋଗଦେଇ ସେମାନଙ୍କ ଦ୍ୱାରା ନିର୍ମିତ ହସ୍ତଶିଳ୍ପ ସାମଗ୍ରୀ ବିକ୍ରିକରି ସେମାନଙ୍କ ଆର୍ଥିକ ସ୍ଥିତିର ଅଭିବୃଦ୍ଧି ଓ ଆତ୍ମନିର୍ଭରଶୀଳ ଦିଗରେ ପ୍ରକୋଷ୍ଠ କ୍ଷେତ୍ର ପ୍ରସ୍ତୁତ କରିବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି ପରିପ୍ରେକ୍ଷୀରେ ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ତଥା ବିଶିଷ୍ଟ ଅର୍ଥନୀତି ବିଶାରଦ ଡ. ମନମୋହନ ସିଂହଙ୍କ ଅମର ଆତ୍ମାର ସଦ୍‌ଗତି କାମନା ନିମନ୍ତେ ଦୁଇ ମିନିଟ୍ ନିରବ ପ୍ରାର୍ଥନା କରାଯିବା ସହ ଦୀପ ଦାନ କରାଯାଇଥିଲା। ଏହି ଗାନ୍ଧୀ ଶିଳ୍ପ ବଜାର ମେଳାରେ ୫୦ଟି ଷ୍ଟଲ ପ୍ରଦର୍ଶିତ ହୋଇଥିବା ବେଳେ ୩୫ଟି ସାଧାରଣବର୍ଗର କାରିଗର ଓ ୧୫ଟି ଅନୁସୂଚିତ ଜାତି ଓ ଜନଜାତି ବର୍ଗର କାରିଗରଙ୍କ ସଂରକ୍ଷଣ କରାଯାଇଛି। ଉଦ୍‌ଘାଟନୀ ସମାରୋହକୁ ହସ୍ତଶିଳ୍ପ ସେବା କେନ୍ଦ୍ରର ଶୁଭଜିତ କର୍ମକାର ଓ ସାମାଜିକ କର୍ମୀ ମିନର୍ଭା ରାଉତଙ୍କ ସମେତ କର୍ମକର୍ତ୍ତାମାନେ ପରିଚାଳନା କରିଥିଲେ। ଏହି ଗାନ୍ଧୀ ଶିଳ୍ପ ବଜାର ଜାନୁଆରୀ ୨ ତାରିଖ ପର୍ଯ୍ୟନ୍ତ ଚାଲିବ।

**ସେଲ୍‌ଫି କର୍ଣ୍ଣର ଧରିତ୍ରୀ**

**ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି**

metroselfie@gmail.com



@ ବଳରାମ


@ ମାନସ


@ ରୂପାଲୀ


@ ସିଲୁ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

### ଭାସୁଛି ଧାନ, ଚାଷଜମି ମାଡ଼ୁନାହାନ୍ତି ଚାଷୀ

ଗୋପ,୨୭।୧୨(ଭାରତୀ ଭୂଷଣ ଉପାଧ୍ୟାୟ)

ଅଦିନିଆ ବର୍ଷା ଯୋଗୁ ଗୋପ ବ୍ଲକର ହଜାର ହଜାର ହେକ୍ଟର ଚାଷଜମିରେ ପାଚିଲା ଧାନ ଭାସୁଥିବାବେଳେ ଚାଷୀ ଚିନ୍ତା ପଡ଼ିଯାଇଛି। ଏହି ପାଚିଲା ଧାନ ବାରିକୁ ଆସିପାରିବନି ବୋଲି ଚିନ୍ତା କରି ଚାଷୀ ଆଉ ଚାଷଜମିକୁ ଯାଉ ନ ଥିବା ଅଭିଯୋଗ ହୋଇଛି। ସେପଟେ ତଦନ୍ତ କରାଯାଉଛି, ଖୁବ୍‌ଶୀଘ୍ର ଚାଷୀଙ୍କୁ କ୍ଷତିପୂରଣ ମିଳିବ ବୋଲି ସରକାର କହୁଥିବାବେଳେ ଅଞ୍ଚଳର କୌଣସି ପଞ୍ଚାୟତକୁ ରାଜସ୍ୱ ନିରୀକ୍ଷକ ଯାଇ ନ ଥିବା ଅଭିଯୋଗ ହୋଇଛି।

ପ୍ରକାଶ ଯେ, ଋଣ, ଧାର କରଜ କରି ଚାଷ କରି ଏବେ ଚାଷୀ କ'ଣ କରିବେ ବୋଲି ଚିନ୍ତାରେ ପଡ଼ିଛନ୍ତି। ବ୍ଲକର ଅଣ୍ଡରା-ଇଚ୍ଛାପୁର, ବଡ଼ତରା, ଗୋପ, ବନ୍ତଲିଗ୍ରାମ, ପୟରା, ବୀରଡୁଙ୍ଗ, ଏରବଙ୍ଗ ପଞ୍ଚାୟତ ସହିତ ୩୧ଟି ପଞ୍ଚାୟତରେ ଏପରି ଅବସ୍ଥା ଦେଖାଦେଇଛି। ବୁଧବାର ବ୍ଲକ ଉପାଧ୍ୟକ୍ଷ ବନରଞ୍ଜନ ପଟ୍ଟନାୟକ କେତେକ ପଞ୍ଚାୟତରେ ଚାଷଜମି ବୁଲିବା ସହିତ ଚାଷୀଙ୍କ ସହିତ କଥାବାର୍ତ୍ତା ହୋଇ ଏ ସମ୍ପର୍କରେ ଜିଲାପାଳଙ୍କୁ ଅଭିଯୋଗ ମଧ୍ୟ କରିଛନ୍ତି। ଏ ସମ୍ପର୍କରେ ଗୋପ ତହସିଲଦାର ଅନିଲ କୁମାର ମହାନ୍ତିଙ୍କୁ ପଚାରିବାରେ, ସରକାରଙ୍କ ନିର୍ଦ୍ଦେଶାନୁସାରେ ୧୪ ରାଜସ୍ୱ ନିରୀକ୍ଷକ ତଦନ୍ତ ଆରମ୍ଭ କରିଛନ୍ତି ବୋଲି କହିଥିଲେ।


ପୁରୀସ୍ଥିତ ବ୍ରହ୍ମାକୁମାରୀ ଆଶ୍ରମ ପରିସରରେ ଶୁକ୍ରବାର ଆୟୋଜିତ ସର୍ବଭାରତୀୟ ଦୃଷ୍ଟିବାଧିତ ସମ୍ମିଳନୀକୁ ଅତିଥି ଉଦ୍‌ଘାଟନ କରୁଛନ୍ତି । (ଫଟୋ- ଯଜ୍ଞେଶ୍ୱର ମହାନ୍ତି)

**ବ୍ରାଉନସୁଗାର ବିକ୍ରି ଅଭିଯୋଗରେ ଜଣେ ଗିରଫ**

ବେଗୁନିଆ,(ସନ୍ଧ୍ୟାରାଣୀ ମିଶ୍ର): ବ୍ରାଉନ ସୁଗାର ବିକ୍ରି ଅଭିଯୋଗରେ ବେଗୁନିଆ ଥାନା ପୋଲିସ ଜଣେ ବ୍ୟକ୍ତିଙ୍କୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ସେ ହେଲେ ବାଘମାରୀ ଥାନା ଅଧୀନ ପୋଡ଼ାଡିହ ଗ୍ରାମର ନବକିଶୋର ସାହୁ। ତାଙ୍କ ପାଖରୁ ପୋଲିସ ୮ ଗ୍ରାମ ୧ ମିଲିଗ୍ରାମ ବ୍ରାଉନ ସୁଗାର ଜବତ କରିଛି, ଯାହାର ମୂଲ୍ୟ ୮୦ ହଜାରରୁ ଊର୍ଦ୍ଧ୍ୱ ଟଙ୍କା ହେବ ବୋଲି ବେଗୁନିଆ ଥାନା ଅଧିକାରୀ ଜ୍ୟୋତିପ୍ରକାଶ ପଣ୍ଡା କହିଛନ୍ତି। ଏଥିସହ ବ୍ୟବହୃତ ଅଟୋ ଜବତ ହୋଇଛି। ନବକିଶୋର ପୋଷ୍ଟ ଅଫିସ ଛକରେ ଏକ ଅଟୋରେ ଆସି ବ୍ରାଉନସୁଗାର ବିକ୍ରି କରୁଥିବାବେଳେ ପୋଲିସ ସେଠାରେ ପହଞ୍ଚି ତାଙ୍କୁ ଗିରଫ କରିଥିଲା।

# ଏମ୍‌ବିକେ, ବ୍ୟାଙ୍କମିତ୍ର ଲାପ୍‌ଟପ୍ କିଣାରେ ଦୁର୍ନୀତି

ଖୋର୍ଦ୍ଧା,୨୭।୧୨(ପ୍ରଭାତ ପାଣିଗ୍ରାହୀ)

**ଗୁମର ଖୋଲିଲା ଆର୍‌ଟିଆଇ ତଥ୍ୟ**
- ୫୦ ହଜାର ଦେଇଥିଲେ ସରକାର, ଅଧିକ ଟଙ୍କାର ବିଲ୍ ଦାଖଲ
- ଜଣେ ଏମ୍‌ବିକେ ବିଲ୍ ବଦଳରେ ଦେଇଛନ୍ତି କୋଟେଶନ କପି

ତତ୍କାଳୀନ ବିଜେଡି ସରକାର ସମୟରେ ମିଶନ ଶକ୍ତି ବିଭାଗ ଜରିଆରେ ପ୍ରତି ପଞ୍ଚାୟତରେ ଏମ୍‌ବିକେ ଏବଂ ବ୍ୟାଙ୍କମିତ୍ରଙ୍କୁ ନିଯୁକ୍ତି ଦିଆଯାଇଥିଲା। ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍‌ଏଚ୍‌ଜି)ଗୁଡ଼ିକୁ ବିଭିନ୍ନ ସମୟରେ ଦିଆଯାଇଥିବା ସରକାରୀ ଅର୍ଥ, ଆୟବ୍ୟୟ ହିସାବ, ଋଣ ସମ୍ପର୍କିତ ତଥ୍ୟ ରଖିବା ପାଇଁ ସରକାର ସେମାନଙ୍କୁ ଲାପ୍‌ଟପ୍ ଯୋଗାଇ ଦେଇଥିଲେ। ଖୋର୍ଦ୍ଧା ଜିଲାର ୧୦ଟି ବ୍ଲକରେ କାର୍ଯ୍ୟରତ ୨୬୩ ଜଣ ଏମ୍‌ବିକେ ଏବଂ ବ୍ୟାଙ୍କମିତ୍ରମାନଙ୍କୁ ଲାପ୍‌ଟପ୍ କିଣିବାକୁ ୫୦ହଜାର ଟଙ୍କା ଲେଖାଏ ପ୍ରଦାନ କରିଥିଲେ। ଏହି ଲାପ୍‌ଟପ୍ କିଣା ବାବଦ ଟଙ୍କା ଆତ୍ମସାତ୍ ହୋଇଥିବା ନେଇ ଗତ ୧୯ ତାରିଖରେ ଧରିତ୍ରୀରେ ଖବର ପ୍ରକାଶ ପାଇଥିଲା।

ସୂଚନା ଅଧିକାର ଆଇନ (ଆର୍‌ଟିଆଇ) ବଳରେ ମିଳିଥିବା ତଥ୍ୟରୁ ଏଥିରେ ବ୍ୟାପକ ଅନିୟମିତତା ହୋଇଥିବା ସ୍ପଷ୍ଟ ହୋଇଛି। ଗତ ଫେବୃଆରୀରେ ଏମ୍‌ବିକେ, ବ୍ୟାଙ୍କ ମିତ୍ରଙ୍କୁ ଲାପ୍‌ଟପ୍ କିଣିବା ପାଇଁ ଟଙ୍କା ଦିଆଯାଇଥିବା ବେଳେ କେହି ବିନିଯୋଗ ପ୍ରମାଣପତ୍ର (ୟୁସି) କାର୍ଯ୍ୟାଳୟରେ ଦାଖଲ କରି ନ ଥିଲେ। ଏବେ ତରବରିଆ ଭାବେ ଡିସେମ୍ବରରେ ଲାପ୍‌ଟପ୍ ବିଲ୍ ଦାଖଲ କରିଛନ୍ତି। ଏଥିରେ ବ୍ୟାପକ ଦୁର୍ନୀତି ହୋଇଥିବା ଆର୍‌ଟିଆଇ କର୍ମୀ ହୃଦାନନ୍ଦ କୋଦମାନସିଂହ ଅଭିଯୋଗ ଆଣିଛନ୍ତି। ସରକାର ଲାପ୍‌ଟପ୍ କିଣିବା ପାଇଁ ଜଣକ ପିଛା ୫୦ହଜାର ଟଙ୍କା ଦେଇଥିବା ବେଳେ ଜନୈକ ଏମ୍‌ବିକେ ୬୦ହଜାର ଏବଂ ଆଉ ଜଣେ ସର୍ବାଧିକ ୯୦ ହଜାର ଟଙ୍କାର ବିଲ୍ ଦାଖଲ କରିଛନ୍ତି। ଏମାନଙ୍କ ମଧ୍ୟରୁ ଜଣେ ଏମ୍‌ବିକେ ବିଲ୍ ପଇଠ କରିବା ପରିବର୍ତ୍ତେ ଏକ କୋଟେଶନ କପି ଦାଖଲ କରିଛନ୍ତି। ଏଥିରୁ ସ୍ପଷ୍ଟ ଅନୁମାନ କରାଯାଇପାରେ ଯେ, ଲାପ୍‌ଟପ୍ କିଣାରେ କିପରି ଦୁର୍ନୀତି କରାଯାଇଛି। ଏ ନେଇ ତଦନ୍ତ କରିବା ପରିବର୍ତ୍ତେ ପ୍ରଶାସନ ଚୁପ୍ ବସିବା ଏକ ବଡ଼ ପ୍ରଶ୍ନ ପାଲଟିଛି।

ହୃଦାନନ୍ଦଙ୍କ ଅଭିଯୋଗ ଅନୁଯାୟୀ, ପ୍ରଥମେ ବିନିଯୋଗପତ୍ର ହସ୍ତଗତ ହୋଇ ନ ଥିବା ସ୍ପଷ୍ଟ କରିଥିଲେ ଡିଏସ୍‌ଡବ୍ଲ୍ୟୁଓ। ଏ ସଂକ୍ରାନ୍ତ ଏକ ରିପୋର୍ଟ ଆର୍‌ଟିଆଇରେ ମାଗିବା ପରେ ଡିସେମ୍ବର ୨୪ରେ ତାଙ୍କୁ ତରବରିଆ ଭାବେ ଏହାର ସବିଶେଷ ତଥ୍ୟ ପ୍ରଦାନ କରାଯାଇଛି। ଡିଏସ୍‌ଡବ୍ଲ୍ୟୁଓ ଦେଇଥିବା ତଥ୍ୟ ଅନୁସାରେ ଖୋର୍ଦ୍ଧା ଜିଲାରେ ୧୬୧ ଏମ୍‌ବିକେଙ୍କ ଖାତାକୁ ଯାଇଛି ୭୬ଲକ୍ଷ ୫୦ହଜାର ଟଙ୍କା ଏବଂ ୧୦୨ ବ୍ୟାଙ୍କମିତ୍ର ନେଇଛନ୍ତି ୪୭ ଲକ୍ଷ ୫୦ହଜାର ଟଙ୍କା। ବାଣପୁର, ଟାଙ୍ଗୀ, ବେଗୁନିଆ, ଭୁବନେଶ୍ୱର ବ୍ଲକରେ ସର୍ବାଧିକ ଅନିୟମିତତା କରାଯାଇଛି। ଏନେଇ ବିଭାଗୀୟ କର୍ତ୍ତୃପକ୍ଷଙ୍କ ସ୍ୱଚ୍ଛତା ଓ ଏହି ଅର୍ଥର ସୁବିନିଯୋଗ ଉପରେ ସୂଚନା ଅଧିକାର କର୍ମୀ ହୃଦାନନ୍ଦ ପ୍ରଶ୍ନ ଉଠାଇଛନ୍ତି।

ଖୋର୍ଦ୍ଧା ବ୍ଲକର ଏକ ମହାସଂଘ ଅଧୀନରେ ୧୨ଜଣ ଏମ୍‌ବିକେଙ୍କ ମଧ୍ୟରୁ ୬ଜଣ ଅକ୍ଟୋବର ୨୦ ଏବଂ ଅନ୍ୟ ୬ଜଣ ଚଳିତ ମାସ ୨୧, ୨୨ ତାରିଖରେ ଲାପ୍‌ଟପ୍ କିଣିଥିବା ତଥ୍ୟରେ ଉଲ୍ଲେଖ ରହିଛି। ସେହିପରି ଟାଙ୍ଗୀ ବ୍ଲକର ଏକ ମିଶନ ଶକ୍ତି ଫେଡେରେଶନ ଅଧୀନ ୧୫ଜଣ ଏମ୍‌ବିକେଙ୍କ ମଧ୍ୟରୁ ୭ଜଣ ଡିସେମ୍ବର ଏବଂ ୮ଜଣ ନଭେମ୍ବରରେ ଲାପ୍‌ଟପ୍ କିଣିଛନ୍ତି। ବେଗୁନିଆ ବ୍ଲକର ଏକ ମହାସଂଘ ଅଧୀନ ୨୧ଜଣ ଏମ୍‌ବିକେ ଡିସେମ୍ବରରେ ଏବଂ ବାଣପୁର ବ୍ଲକର ଏକ ଫେଡେରେଶନ ଅଧୀନ ୧୫ଜଣ ଏମ୍‌ବିକେଙ୍କ ମଧ୍ୟରୁ ନଭେମ୍ବରରେ ୭ ଓ ଡିସେମ୍ବରରେ ୮ଜଣ ଲାପ୍‌ଟପ୍ କିଣିଥିବା ନେଇ ବିଲ୍ ପ୍ରଦାନ କରିଛନ୍ତି। ତେବେ ଅଧିକାଂଶ ବିଲ୍ ଉପରେ ସନ୍ଦେହ ପ୍ରକାଶ ପାଇଛି। ଲାପ୍‌ଟପ୍ ନ କିଣି କୌଣସି ସ୍ଥାନରୁ ନକଲି ବିଲ୍ ଆଣି ପଇଠ କରିଥିବା ସନ୍ଦେହ କରାଯାଉଛି। ଏ ନେଇ ଉଚ୍ଚସ୍ତରୀୟ ତଦନ୍ତ କରାଯିବାକୁ ସୂଚନା ଅଧିକାର କର୍ମୀ ହୃଦାନନ୍ଦ ଦାବି କରିଛନ୍ତି।

## ସଂକ୍ଷେପରେ

### କଲେକ୍ସନ ଏଜେଣ୍ଟଙ୍କଠାରୁ ୮୮ ହଜାର ଲୁଟ
### ମାତିଲେ କଳାପଲ୍‌ସରଧାରୀ

ଖୋର୍ଦ୍ଧା,୨୭।୧୨(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧାରେ ମାତିଛନ୍ତି କଳା ପଲସର୍‌ଧାରୀ ଲୁଟେରା। ଗତ କିଛିଦିନର ବ୍ୟବଧାନ ପରେ ପୁଣି ଲୁଟେରାଙ୍କ ଆତଙ୍କ ଦେଖିବାକୁ ମିଳିଛି। ଶୁକ୍ରବାର ଅପରାହ୍ନରେ ଆଦର୍ଶ ଥାନା ଅନ୍ତର୍ଗତ ନାଲିପଡ଼ା ଅର୍ଜୁନପୁର ନିକଟ ହଳଦୀପଦା ଖେଳପଡ଼ିଆଠାରେ ଦୁଇଜଣ କଳା ପଲ୍‌ସରଧାରୀ ଲୁଟେରା ଜଣେ କଲେକ୍ସନ ଏଜେଣ୍ଟଙ୍କ ବେକରେ ଭୁଜାଲି ଲଗାଇ ତାଙ୍କଠାରୁ ୮୮ହଜାର ଟଙ୍କା ଟାବ୍‌ଲେଟ, ବାୟୋମେଟ୍ରିକ ମେଶିନ ପ୍ରଭୃତି ଲୁଟିନେଇ ଫେରାର ହୋଇଯାଇଛନ୍ତି। ପରେ ତାଙ୍କ ଅଭିଯୋଗ କ୍ରମେ ପୋଲିସ ଏକ ମାମଲା ରୁଜୁ କରିବା ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛି।ସୂଚନା ଅନୁଯାୟୀ, ନୟାଗଡ଼ ଜିଲା ଓଡ଼ଗାଁ ଥାନା ଅନ୍ତର୍ଗତ ଆମ୍ବପଡ଼ା ଗ୍ରାମର ଜିତେନ୍ଦ୍ର ସାହୁ ଏକ ଘରୋଇ ଅର୍ଥ ଲଗାଣକାରୀ ସଂସ୍ଥାର ଖୋର୍ଦ୍ଧା ଶାଖାରେ ଫିଲ୍ଡ କର୍ମଚାରୀ ଭାବେ କାର୍ଯ୍ୟ କରୁଛନ୍ତି। ସେ ସବୁଦିନ ପରି ଶୁକ୍ରବାର ଋଣ ନେଇଥିବା ଲୋକଙ୍କଠାରୁ ଟଙ୍କା ଆଦାୟ ପାଇଁ ବେରୁଆଁ ଓ ହଳଦୀପଦା ଗ୍ରାମକୁ ଯାଇଥିଲେ। ସେଠାରୁ ଆଦାୟ ଟଙ୍କା ଧରି ବାଇକରେ ଖୋର୍ଦ୍ଧା ଫେରୁଥିଲେ। ହଳଦୀପଦା ଖେଳପଡ଼ିଆ ନିକଟରେ ତାଙ୍କ ପଛରେ ଆସୁଥିବା ଦୁଇଜଣ କଳା ପଲ୍‌ସରଧାରୀ ହଠାତ୍ ବାଇକ୍ ଆଗକୁ ଆସି ଅଟକାଇଥିଲେ। ସେମାନଙ୍କ ମଧ୍ୟରୁ ଜଣେ ବେକରେ ଭୁଜାଲି ଲଗାଇ ବାଇକ୍‌ଡିକି ଖୋଲି ଏକ ବ୍ୟାଗ୍‌ରେ ଥିବା ନଗଦ ୮୮ହଜାର ଟଙ୍କା ସହ ଅନ୍ୟ ସାମଗ୍ରୀ ଲୁଟି ନେଇ ସେଠାରୁ ଫେରାର ହୋଇଯାଇଥିଲେ।

### ସିକୋ-ଶଗଡ଼ଭଙ୍ଗା ରାସ୍ତାରେ ହାତୀପଲ, ଜନସାଧାରଣ ଭୟଭୀତ

ବେଗୁନିଆ,୨୭।୧୨(ସନ୍ଧ୍ୟାରାଣୀ ମିଶ୍ର)

ଖୋର୍ଦ୍ଧା ଜିଲା ଟାଙ୍ଗୀ ବନାଞ୍ଚଳ ଅଧୀନ ଏବଂ ବେଗୁନିଆ ବ୍ଲକ ସିକୋ-ଶଗଭଙ୍ଗା ଗ୍ରାମ୍ୟ ଉନ୍ନୟନ ବିଭାଗ ରାସ୍ତାରେ ଶୁକ୍ରବାର ମଧ୍ୟାହ୍ନରେ ୧୦ ଟିକିଆ ହାତୀ ପଲ ଦେଖିବାକୁ ମିଳିଥିଲା। ହାତୀ ପଲ ଦେଖି ଜନସାଧାରଣ ଓ ଯାନବାହନଗୁଡ଼ିକ ରାସ୍ତାରେ ଯିବା ଆସିବା ବନ୍ଦ ରହିଥିଲା। ହାତୀ ପଲ ଖାଦ୍ୟ ଅନ୍ୱେଷଣରେ ଧାନ ଫସଲ ଖାଇବାକୁ ଆସିଥିବାବେଳେ ଲଘୁଚାପ ବର୍ଷା ଯୋଗୁ ପାଣି ଓ କାଦୁଅ ଜମିରେ ପଶିପାରୁ ନାହାନ୍ତି। ତେବେ ରାସ୍ତାର ଦୁଇ ପାର୍ଶ୍ୱରେ ଥିବା କାଜୁ ଜଙ୍ଗଲରେ ହାତୀପଲ ରହିଥିବାରୁ ଜନସାଧାରଣଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି ହୋଇଛି।

### ୧୫ ଲିଟର ଦେଶୀ ମଦ ଜବତ, ଅଭିଯୁକ୍ତ ଗିରଫ

ବେଗୁନିଆ,୨୭।୧୨(ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ଥାନା ଅଧୀନ ଡିଙ୍ଗର ଗ୍ରାମରୁ ପୋଲିସ ୧୫ ଲିଟର ଦେଶୀ ମଦ ଜବତ କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରି ଶୁକ୍ରବାର କୋର୍ଟଚାଲାଣ କରିଛି। ସେ ହେଲେ ବିଜୟ ଖୁଣ୍ଟିଆ(୪୫)। ବିଜୟ ଦୀର୍ଘ ଦିନ ଧରି ଦେଶୀ ମଦ ବିକ୍ରି କରି ଆସୁଥିଲେ। ତେବେ ପୋଲିସ ଖବରପାଇ ଚଢ଼ାଉ କରି ତାଙ୍କୁ ତାବୁ କରିଥିବା ଥାନା ଅଧିକାରୀ ଜ୍ୟୋତି ପ୍ରକାଶ ପଣ୍ଡା କହିଛନ୍ତି।

### ଛତିଶଗଡ଼ ଫାଇନାଲରେ ମହାବୀର କପ୍ ଫୁଟ୍‌ବଲ

ଟାଙ୍ଗୀ-ଖୋର୍ଦ୍ଧା,୨୭।୧୨(ରଘୁନାଥ ସାହୁ)

ସ୍ଥାନୀୟ ଜନତା ଷ୍ଟାଡିୟମଠାରେ ୬୫ତମ ସର୍ବଭାରତୀୟ ମହାବୀର କପ୍ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟର ପ୍ରଥମ ସେମିଫାଇନାଲ ମ୍ୟାଚ୍ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମଣିପୁରକୁ ୨-୧ ଗୋଲରେ ହରାଇ ଛତିଶଗଡ଼ ଫାଇନାଲରେ ପ୍ରବେଶ କରିଛି। ମ୍ୟାଚର ପ୍ରଥମାର୍ଦ୍ଧରେ ଛତିଶଗଡ଼ର ଅଭିଷେକ ୨୧ ମିନିଟ୍‌ରେ ଗୋଲ ଦେଇଥିଲେ। ୩୪ ମିନିଟ୍‌ରେ ମଣିପୁରର ଖେଳାଳିଙ୍କୁ ବ୍ୟାକ ଏରିଆରେ ଫାଉଲ ମାରିବାରୁ ପେନାଲ୍ଟି କିକ୍‌ରେ ମୀନକେତନ ଗୋଲ ପରିଶୋଧ କରି ଦେଇଥିବାରୁ ଉଭୟ ଦଳ ବରାବର ସ୍ଥିତିରେ ରହିଥିଲା। ଦ୍ୱିତୀୟାର୍ଦ୍ଧର ୨୭ ମିନିଟ୍‌ରେ ଛତିଶଗଡ଼ର ଜନସନ ଗୋଲ ଦେଇଥିଲେ। ହେଲେ ମଣିପୁର ଗୋଲ ପରିଶୋଧ କରି ନ ପାରିବାରୁ ଛତିଶଗଡ଼ ୨-୧ ଗୋଲରେ ମଣିପୁରକୁ ପରାସ୍ତ କରି ପ୍ରଥମ ଦଳ ଭାବେ ଫାଇନାଲକୁ ପ୍ରବେଶ କରିଛି। ଶ୍ରେଷ୍ଠ ଖେଳାଳି ଭାବେ ଛତିଶଗଡ଼ର ନିରଞ୍ଜନ ଓ ମଣିପୁରର ମୀନକେତନଙ୍କୁ ବିଭୂତି ରାଉତରାୟ ମେମୋରିଆଲ ଟ୍ରଫି ଦେଇ ସମ୍ମାନିତ କରାଯାଇଥିଲା। ଗୋପାଳ ସାମନ୍ତରାୟ ଖେଳ ପରିଚାଳନା କରିଥିଲେ। ବିଜୟ ରାଉତ ରେଫରି କାର୍ଯ୍ୟ ତୁଲାଇଥିଲେ।

# ସମ୍ବଲପୁରୀ ନୃତ୍ୟରେ ଦର୍ଶକ ବିଭୋର


କଳାକାରମାନେ ନୃତ୍ୟ ପରିବେଷଣ କରୁଛନ୍ତି।

ବୋଲଗଡ,୨୭।୧୨(ଦେବବ୍ରତ ହୋତା)

**ବୋଲଗଡ଼ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା**

ସ୍ଥାନୀୟ ମିନିଷ୍ଟାଡିୟମ ସମ୍ମୁଖ ପ୍ରାଙ୍ଗଣରେ ଆୟୋଜିତ ବୋଲଗଡ଼ ମହୋତ୍ସବ 'ଆଶା' ଶୁକ୍ରବାର ଦ୍ୱିତୀୟ ସନ୍ଧ୍ୟାରେ ଲୋକାରଣ୍ୟ ହୋଇଥିଲା। ପିତୁକୁଳି ଗ୍ରାମର ମା' ମହିଷାମର୍ଦ୍ଦିନୀ ଭାଗବତ ମଣ୍ଡଳୀ ଦ୍ୱାରା ଭାଗବତ ମେଳା, କାଳୀଚରଣ ବେହେରା ଓ ସାଥୀଙ୍କ ଦ୍ୱାରା ସଂକୀର୍ତ୍ତନ, କୃଷ୍ଣଚନ୍ଦ୍ର ମହାପାତ୍ର ଓ ସାଥୀଙ୍କ ଦ୍ୱାରା ମଙ୍ଗଳା ନୃତ୍ୟ, ସଞ୍ଜୟ କୁମାର ଓ ସାଥୀଙ୍କ ଦ୍ୱାରା ରାମ ବନ୍ଦନା ଓ ପୁରୀର ଶିଳ୍ପୀ ଏଣ୍ଟରଟେନ୍‌ମେଣ୍ଟ ଦ୍ୱାରା ସମ୍ବଲପୁରୀ, ବଲାଙ୍ଗୀରର ମହନି ଫୋକ୍ ଏକାଡେମୀ ଦ୍ୱାରା ସମ୍ବଲପୁରୀ, ଦାସ ନୃତ୍ୟାଳୟ ଦ୍ୱାରା ଗୀତିନାଟ୍ୟ, ଆସାମ ଗୁଆହାଟୀର ବିହୁ ଲୋକନୃତ୍ୟ ଓ ନିରାକାରପୁରର ଶ୍ରୀ ଏକାଡେମୀ ଦ୍ୱାରା ନୃତ୍ୟଗୀତ କାର୍ଯ୍ୟକ୍ରମକୁ ଦର୍ଶକ ମନଭରି ଉପଭୋଗ କରିଥିଲେ। ମହୋତ୍ସବ କମିଟି ସଭାପତି ତଥା ସ୍ଥାନୀୟ ବିଧାୟକ ପ୍ରଦୀପ କୁମାର ସାହୁ ଆୟୋଜିତ ସାଧାରଣ ସଭାରେ ଅଧ୍ୟକ୍ଷତା କରିଥିଲେ। ସମ୍ମାନିତ ଅତିଥି ଭାବେ କମିଟି ଉପଦେଷ୍ଟା ରବୀନ୍ଦ୍ର କୁମାର ପରିଡ଼ା ଓ ଲଲାଟେନ୍ଦୁ କେଶରୀ ସିଂ, ସାମାଜିକ କର୍ମୀ ଧୀରେଶ ଚନ୍ଦ୍ର ମହାପାତ୍ର ଓ ରମେଶ ଚନ୍ଦ୍ର ପଟ୍ଟନାୟକ, ସରପଞ୍ଚ ଜଳଧର ମହାନ୍ତି ଓ ବିଜୟ କୁମାର ସେଠୀ, ସାମାଜିକ କର୍ମୀ ତ୍ରିନାଥ ସ୍ୱାଇଁ ଓ ଶରତ କୁମାର ଦଳାଇ ପ୍ରମୁଖ ଯୋଗଦେଇଥିଲେ। ବଂଶୀଧର ସଙ୍ଗୀତ ମହାବିଦ୍ୟାଳୟ ଛାତ୍ରୀମାନେ ଆବାହନ ସଙ୍ଗୀତ ପରିବେଷଣ କରିଥିଲେ। ପୂଜ୍ୟପୂଜା ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ସଂସ୍କୃତି କ୍ଷେତ୍ରରେ ଦୟାନିଧି କର, ସାମ୍ବାଦିକତାରେ ରାଜେନ୍ଦ୍ର କୁମାର ରାମ ଓ କ୍ରୀଡ଼ା କ୍ଷେତ୍ରରେ ଆଦିତ୍ୟ ନାରାୟଣ ବରାଡ଼ଙ୍କୁ ବୋଲଗଡ଼ ସମ୍ମାନରେ ସମ୍ମାନିତ କରାଯାଇଥିଲା। ସ୍କୁଲ ପିଲାଙ୍କ ପାଇଁ କୁଇଜ୍ କାର୍ଯ୍ୟକ୍ରମରେ ଠିକ୍ ଉତ୍ତରଦାତାଙ୍କୁ ତତ୍କାଳ ପୁରସ୍କୃତ କରାଯାଇଥିଲା। ଗଦାଧର ଚମ୍ପତି ମାର୍ଥା ଧନ୍ୟବାଦ ଦେଇଥିଲେ।

### ଚିନାବାଦାମ, ଧାନ ଫସଲ କ୍ଷତିପୂରଣ ପାଇଁ ଦାବିପତ୍ର

କୃଷ୍ଣପ୍ରସାଦ,୨୭।୧୨(କୈଳାଶ ଚନ୍ଦ୍ର ପଟ୍ଟନାୟକ)

ଅଦିନିଆ ବର୍ଷାରେ କୃଷ୍ଣପ୍ରସାଦ ବ୍ଲକରେ ଧାନ ଓ ଚିନାବାଦାମ ଫସଲ ନଷ୍ଟ ହୋଇଯାଇଛି। ଋଣ କରି ଫସଲ କରିଥିବା ଚାଷୀ ମୁଣ୍ଡରେ ହାତଦେଇ ବସିଛି। ସରକାର ତୁରନ୍ତ ଚାଷୀଙ୍କୁ କ୍ଷତିପୂରଣ ଦେବାକୁ ବିଜେଡି ଦାବି କରିବା ସହ ଆନ୍ଦୋଳନ ପାଇଁ ଅଣ୍ଟା ଭିଡ଼ିଛି। ଶୁକ୍ରବାର କୃଷ୍ଣପ୍ରସାଦ ବିଜେଡି ସଭାପତି ତଥା ଜିଲା ପରିଷଦ ସଦସ୍ୟ ଲକ୍ଷ୍ମୀଧର ସାହୁଙ୍କ ନେତୃତ୍ୱରେ ବ୍ଲକ ଅଧ୍ୟକ୍ଷା, ଜିଲା ପରିଷଦ ସଦସ୍ୟ ଓ ସରପଞ୍ଚ ଏବଂ ସମିତି ସଭ୍ୟଙ୍କୁ ନେଇ ଏକ ପ୍ରତିନିଧି ମଣ୍ଡଳୀ ତହସିଲଦାରଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଚିନାବାଦାମ ଏବଂ ଧାନ ଫସଲର କ୍ଷୟକ୍ଷତି ଆକଳନ କରି ଚାଷୀଙ୍କୁ କ୍ଷତିପୂରଣ ପ୍ରଦାନ ଲାଗି ତହସିଲଦାରଙ୍କୁ ଅନୁରୋଧ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଅଧ୍ୟକ୍ଷା ସରୋଜିନୀ ତରେଇ, ଜିଲା ପରିଷଦ ସଦସ୍ୟ ସନ୍ଦୀପ କୁମାର ଜେନା, ବ୍ରହ୍ମପୁର ସରପଞ୍ଚ ସନ୍ତୋଷ କୁମାର ଜେନା, ସମିତି ସଭ୍ୟ କାଳୁ ଜେନା, ସମିତି ସଭ୍ୟାଙ୍କ ପ୍ରତିନିଧି ଦିଲୀପ ରଣସିଂହ, ମାଣିକା ସମିତି ସଭ୍ୟ ସର୍ବେଶ୍ୱର ଜେନା ଓ ବିଜୟ କୁମାର ତରେଇ ଏବଂ ବହୁ ଚାଷୀ ଉପସ୍ଥିତ ଥିଲେ।

# ଗଜା ଧାନ ଧରି କୃଷି, ତହସିଲ କାର୍ଯ୍ୟାଳୟରେ ଚାଷୀ

ବୋଲଗଡ଼,୨୭।୧୨(ଦେବବ୍ରତ ହୋତା)




ପ୍ରକୃତି ଦାଉରେ ଚାଷୀ ହତାଶ ହୋଇପଡ଼ିଛି। ଧାନ ଫସଲ ଅମଳ ସମୟରେ ଲଘୁଚାପଜନିତ ଲଗାଣ ବର୍ଷା ଚାଷୀର ବର୍ଷକର ଆହାରକୁ ଛଡ଼ାଇ ନେଇଛି। ଋଣ ନେଇ, ଧାରକରଜ କରି ଚାଷ ପାଇଁ ନୟାନ୍ତ ହୋଇଥିବାବେଳେ ଏବେ କ୍ଷତିଭରଣା ପାଇଁ ସରକାରୀ ସହାୟତାକୁ ଅପେକ୍ଷା କରିଛି। ତେବେ ରାଜସ୍ୱ ଓ କୃଷି ବିଭାଗ ମିଳିତ ଭାବେ କ୍ଷୟକ୍ଷତି ଆକଳନ କରୁଛନ୍ତି। ମାତ୍ର କ୍ଷତିଗ୍ରସ୍ତ ଚାଷୀଙ୍କ ଦୁର୍ଦ୍ଦଶା ବଢ଼ି ଚାଲିଛି। ବୀମାଭୁକ୍ତ ଚାଷୀଙ୍କ ଫସଲହାନି ଅଭିଯୋଗ ପାଇଁ ଏକ ଟୋଲ୍ ଫ୍ରି ନମ୍ବର ସରକାର ଜାରି କରି ୭୨ ଘଣ୍ଟା ମଧ୍ୟରେ ଜଣାଇବାକୁ ସୂଚନା ଦେଇଛନ୍ତି। ତେବେ ଚାଷୀ ଅଭିଯୋଗ ପାଇଁ ଉକ୍ତ ନମ୍ବରରେ ଯୋଗାଯୋଗ କଲେ ପ୍ରାୟ ସମ୍ଭବ ହେଉନାହିଁ। ସଂଯୋଗ ହେଲେ ମଧ କେହି କ୍ଷୟକ୍ଷତି ତଦନ୍ତ କରିବାକୁ ଆସୁ ନ ଥିବା ଅଭିଯୋଗ ହୋଇଛି। ଏଥିନେଇ କୃଷକ ନେତା ପ୍ରକାଶ ରାଉତରାୟଙ୍କ ନେତୃତ୍ୱରେ ଶୁକ୍ରବାର ୫୦ରୁ ଊର୍ଦ୍ଧ୍ୱ ଚାଷୀ ଗଜା ହୋଇଥିବା ଧାନ ବିଡ଼ା ଧରି ବୋଲଗଡ଼ ତହସିଲଦାର ଦାୟିତ୍ୱରେ ଥିବା ଦୀପ୍ତିମୟୀ ଶର୍ମା ଓ କୃଷି ଅଧିକାରୀ ସନ୍ତୋଷ କୁମାର ପରିଡ଼ାଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଦାବିଗୁଡ଼ିକରେ କ୍ଷୟକ୍ଷତି ଆବେଦନ ପ୍ରକ୍ରିୟାକୁ ସୁଧାରିବା, କୃଷି ଋଣ ଛାଡ଼ କରିବା, ମଣ୍ଡିରେ ଏହି ଉଜୁଡ଼ା ଧାନକୁ ଗ୍ରହଣ କରିବାକୁ ପଦକ୍ଷେପ ନେବା ଆଦି ଅନ୍ତର୍ଭୁକ୍ତ ରହିଛି। ସୂଚନାଥାଉ କି, ବୋଲଗଡ଼ ବ୍ଲକ ଅଞ୍ଚଳର ସମୁଦାୟ ୧୫ ହଜାର ୮୦୫ ହେକ୍ଟର ଜମିରୁ ୧୪ ହଜାର ୩୭ ହେକ୍ଟର ଜମିରେ ଧାନଚାଷ ହୋଇଛି। ଏଥିମଧ୍ୟରୁ ପ୍ରାୟ ଖାଲୁଆ ଜମିରେ କଟାଧାନ ଓ କଟା ଯାଇ ନ ଥିବା ଧାନ କ୍ଷତିଗ୍ରସ୍ତ ହୋଇଥିବା ଜଣାପଡ଼ିଛି।


ସେଲ୍‌ଫି କର୍ଣ୍ଣର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ ବଳରାମ


@ ମାନସ


@ ରୂପାଲୀ


@ ସିଲୁ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।


### ଫାଇନାଲରେ ଖଣ୍ଡପଡ଼ା ଫୁଟ୍‌ବଲ ଟିମ୍

ବାଣପୁର,୨୭।୧୨(ଦିଲିପ କୁମାର ସ୍ୱାଇଁ)

ଚିଲିକା ବ୍ଲକ ଅଧୀନ ନଇରୀଠାରେ କାଳିଜାଇ ସ୍ପୋର୍ଟି ଓ କ୍ଲବ ଆନୁକୂଲ୍ୟରେ ଚାଲିଥିବା କାଳିଜାଇ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟର ଶୁକ୍ରବାର ପ୍ରଥମ ସେମିଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ଏଥିରେ ନୟାଗଡ଼ର ସ୍ପୋର୍ଟ୍ସ ହଷ୍ଟେଲକୁ ୩-୧ ଗୋଲରେ ପରାସ୍ତ କରି ଖଣ୍ଡପଡ଼ା ଫୁଟ୍‌ବଲ ଟିମ୍ ଫାଇନାଲରେ ପ୍ରବେଶ କରିଛି। ରାମକୃଷ୍ଣ ବେହେରା ଖେଳ ପରିଚାଳନା କରିଥିବାବେଳେ ତାଙ୍କୁ ଧ୍ରୁବଚରଣ ଘଡ଼େଇ ଓ ଅନିଲ କୁମାର ସାମନ୍ତରାୟ ସହଯୋଗ କରିଥିଲେ। ଅତିଥି ଭାବେ ନଇରୀର ପ୍ରାକ୍ତନ ସରପଞ୍ଚ ପ୍ରଶାନ୍ତ ସାହୁ, ଅଜୟ ଖୁଣ୍ଟିଆ, ବୁଲୁ ମହାରଣା, ବାଣପୁର ବ୍ଲକ ସହଶିକ୍ଷାଧିକାରୀ ପ୍ରଭାତ କୁମାର ସେଠୀ ଯୋଗଦେଇଥିଲେ।

## ଫସଲ କ୍ଷତି: ଠିକ୍ ମୂଲ୍ୟାଙ୍କନ ଉପରେ ଗୁରୁତ୍ୱ

ଖୋର୍ଦ୍ଧା,୨୭।୧୨(ପ୍ରଭାତ ପାଣିଗ୍ରାହୀ)

ଅଦିନିଆ ବର୍ଷାରେ କ୍ଷତିଗ୍ରସ୍ତ ବୀମାଭୁକ୍ତ ଚାଷୀଙ୍କୁ କ୍ଷତିପୂରଣ ଦିଆଯିବ। ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ଅନୁଯାୟୀ ଫସଲ ଅମଳର ପରବର୍ତ୍ତୀ କ୍ଷୟକ୍ଷତି ପାଇଁ ମଧ୍ୟ ବୀମାଭୁକ୍ତ ସହାୟତା ଦିଆଯାଏ। ଫସଲ ଅମଳର ୧୪ ଦିନ ମଧ୍ୟରେ ଅଦିନିଆ ବର୍ଷାରେ କ୍ଷତିଗ୍ରସ୍ତ ହୋଇଥିଲେ, ବୀମାଭୁକ୍ତ ସହାୟତା ପାଇଁ ଚାଷୀ ଯୋଗ୍ୟ ହେବେ। ଲଘୁଚାପଜନିତ ବର୍ଷାରେ ଚାଷୀ କ୍ଷତି ସହିଛନ୍ତି। ଧାନ ସହ ପନିପରିବା, ଡାଲିଜାତୀୟ ଫସଲ କ୍ଷତି ହୋଇଛି। ଚାଷୀଙ୍କୁ ବୀମା ଏକମାତ୍ର ଭରସା। ବୀମାଭୁକ୍ତ ଚାଷୀଙ୍କୁ ଉପଯୁକ୍ତ କ୍ଷତିପୂରଣ ଦେବା ଲାଗି ପଦକ୍ଷେପ ଗ୍ରହଣ କରାଯିବ ବୋଲି ସରକାର ଘୋଷଣା କରିଛନ୍ତି। ବର୍ଷା ଯୋଗୁ ପ୍ରଭାବିତ ଚାଷୀଙ୍କ ଫସଲ କ୍ଷତିର ଆକଳନ ପାଇଁ ଶୁକ୍ରବାର ଜିଲା ପ୍ରଶାସନ ପକ୍ଷରୁ ଏକ ଆଭାସୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ଚଞ୍ଚଳ ରାଣା ଅଧ୍ୟକ୍ଷତା କରିଥିବାବେଳେ ଅଦିନିଆ ବର୍ଷାରେ ପ୍ରଭାବିତ ଚାଷୀଙ୍କ କ୍ଷତିର ଆକଳନ ଉପରେ ଗୁରୁତ୍ୱ ଦିଆଯାଇଛି। କ୍ଷତିଗ୍ରସ୍ତ ଚାଷୀ କୃଷକ ରକ୍ଷକ ପୋର୍ଟାଲ କିମ୍ବା କୃଷକ ରକ୍ଷକ ହେଲ୍ପଲାଇନ ନମ୍ବର ୧୪୪୪୭ରେ ସୂଚନା ଦେବାକୁ ପରାମର୍ଶ ଦିଆଯାଇଛି। ଏହି କାର୍ଯ୍ୟକ୍ରମ ପାଇଁ ୩୫ ଜଣ ସର୍ବେକ୍ଷଣକାରୀ ନିୟୋଜିତ ହୋଇଛନ୍ତି। ଆବଶ୍ୟକତା ଅନୁସାରେ ସଂଖ୍ୟା ବୃଦ୍ଧି ପାଇଁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ରାଜସ୍ୱ, କୃଷି ଏବଂ ଉଦ୍ୟାନ ବିଭାଗ କାର୍ଯ୍ୟାଳୟର କର୍ମଚାରୀମାନେ ସର୍ବେକ୍ଷଣ କାର୍ଯ୍ୟକ୍ରମରେ ସହଯୋଗ କରିବେ। ବ୍ଲକ ଏବଂ ପଞ୍ଚାୟତରେ କ୍ଷତିଗ୍ରସ୍ତ ଚାଷୀଙ୍କ ଠିକ୍ ପଞ୍ଜୀକରଣ ଏବଂ ମନିଟରିଂ କରିବାକୁ ଅତିରିକ୍ତ ଜିଲାପାଳ(ରାଜସ୍ୱ) ଏବଂ ମୁଖ୍ୟ କୃଷି ଉନ୍ନୟନ ଅଧିକାରୀଙ୍କୁ ଦାୟିତ୍ୱ ଦିଆଯାଇଛି। ଆର୍‌ଆଇ, ଡିଆର୍‌ସିଏସ୍, ତହସିଲଦାର ଏବଂ ବିଡିଓମାନଙ୍କୁ କ୍ଷୟକ୍ଷତି ଆକଳନ କରିବାକୁ ଜିଲାପାଳ ପରାମର୍ଶ ଦେଇଛନ୍ତି।

# ରାମେଶ୍ୱର, ନିରାକାରପୁର ଛାଡ଼ିଯାଉନି ଦନ୍ତା

ନିରାକାରପୁର,୨୭।୧୨ (ମାନସ ଚନ୍ଦ୍ର ପଟ୍ଟନାୟକ)

**ନୂଆ ଜଗନ୍ନାଥ ସଡ଼କରେ କଲା ଉତ୍ପାତ**

ଖୋର୍ଦ୍ଧା ଜିଲା ନିରାକାରପୁର ଓ ରାମେଶ୍ୱର ଅଞ୍ଚଳ ଛାଡ଼ି ଯାଉନି ଦନ୍ତା। ଫଳରେ ଲୋକେ ଆତଙ୍କିତ ଅବସ୍ଥାରେ ଥିବା ଜଣାପଡ଼ିଛି। ଗୁରୁବାର ରାତିରେ ଏହି ଗୋଠଛଡ଼ା ଦନ୍ତା ସ୍ଥାନୀୟ ଚିତ୍ରକୂଟ ପାହାଡ଼ ଦେଇ ନିରାକାରପୁର ଅଞ୍ଚଳରେ ପହଞ୍ଚିଥିଲା। ପରେ ଡିଆ ପଞ୍ଚାୟତର କୋଳସାହି ଗାଁ ଅତିକ୍ରମ କରି କପିଳେଶ୍ୱର ପଡ଼ିଆରେ ରହିଥିଲା। ଭୋରୁ ଷ୍ଟେଶନ ରାସ୍ତା ଦେଇ ରେଳଲାଇନ ଅତିକ୍ରମ କରି ରାମେଶ୍ୱର କାଜୁ ଜଙ୍ଗଲକୁ ଯାଇଥିଲା। ହେଲେ ଯିବା ସମୟରେ ଅନେକଙ୍କ ପାଚେରୀ ଓ ଗଛପତ୍ର ଭାଙ୍ଗି ଦେଇଥିଲା। ସନ୍ଧ୍ୟାରୁ ବିଳମ୍ବିତ ରାତି ପର୍ଯ୍ୟନ୍ତ ଏହି ଦନ୍ତା ନିରାକାରପୁର ଅଞ୍ଚଳରେ ଆତଙ୍କ ସୃଷ୍ଟି କରିଥିଲା। ଯଦ୍ୱାରା ରାତି ୧୦ଟାରୁ ନିରାକାରପୁରରୁ ଗଡ଼ଖାରଦ ଦେଇ ଭୁଷଣ୍ଡପୁର ଯାଇଥିବା ରାସ୍ତା, ନିରାକାରପୁରଠାରୁ କାଶୀପୁର ଦେଇ ନୂଆଗଡ଼ ଯାଇଥିବା ମୋରମୋର ସିଂହ ରାସ୍ତା, କାଶୀପୁରଠାରୁ କୋଲସାହିକୁ ସଂଯୋଗ କରୁଥିବା ରାସ୍ତାଗୁଡ଼ିକ ଏକ ପ୍ରକାର ଶୂନଶାନ ହୋଇପଡ଼ିଥିଲା। ବିପଦ ଆଶଙ୍କା କରି ବିଦ୍ୟୁତ୍ ସଂଯୋଗ କାଟି ଦିଆଯାଇଥିଲା। ଫଳରେ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଶୁକ୍ରବାର ଭୋରୁ ଷ୍ଟେଶନ ରାସ୍ତା ଦେଇ ହାତୀଟି ଦିନତମାମ ଚିତ୍ରକୂଟ ପାହାଡ଼ ଓ ରାମେଶ୍ୱର କାଜୁ ଜଙ୍ଗଲରେ ଘୁରି ବୁଲିଥିଲା। ସନ୍ଧ୍ୟା ୬ଟା ବେଳକୁ ରାମେଶ୍ୱର ଖେଳପଡ଼ିଆଠାରେ ନୂଆ ଜଗନ୍ନାଥ ସଡ଼କ ଅତିକ୍ରମ କରି ମେଡିକାଲ ରାସ୍ତା ଦେଇ ବ୍ୟାରେଜ୍ ଆଡକୁ ମୁହାଁଇଥିଲା। ଫଳରେ ଦୀର୍ଘ ସମୟ ଧରି ନୂଆ ଜଗନ୍ନାଥ ସଡ଼କ ଉଭୟ ପାର୍ଶ୍ୱ ରାସ୍ତାରେ ଗମନାଗମନ ବାଧାପ୍ରାପ୍ତ ହୋଇଥିଲା। ଏବେ ହାତୀଟି ବ୍ୟାରେଜ୍ ପଟକୁ ମୁହାଁଇ ଥିବାରୁ ରାମେଶ୍ୱରଗଡ଼ଠାରେ ବସବାସ କରୁଥିବା ଅଧିବାସୀ ଏବେ ଆତଙ୍କିତ ଅବସ୍ଥାରେ ରହିଥିବା ଜଣାପଡ଼ିଛି। ଖବରପାଇ ଘଟଣାସ୍ଥଳରେ ବନ ବିଭାଗ ପହଞ୍ଚି ଏହାକୁ ଘଉଡ଼ାଇବା ନିମନ୍ତେ ଚେଷ୍ଟା ଜାରି ରଖିଥିବା ଫରେଷ୍ଟର ପ୍ରଶାନ୍ତ କୁମାର ଦାଶ ସୂଚନା ଦେଇଛନ୍ତି। ବିଶେଷକରି ଲଗାଣ ବର୍ଷା ଯୋଗୁ ଧାନ କ୍ଷେତରେ ବର୍ଷା ପାଣି ଜମି ରହିଥିବାରୁ ହାତୀଟି କ୍ଷେତରେ ନ ପଶି ଏଣେ ତେଣେ ଘୁରି ବୁଲୁଥିବା କେତେଜଣ ବନ କର୍ମଚାରୀ କହିଛନ୍ତି। ତେବେ ଖବର ଲେଖା ହେବା ପର୍ଯ୍ୟନ୍ତ ହାତୀଟି ରାମେଶ୍ୱରଗଡ଼ସ୍ଥିତ ବ୍ୟାରେଜ୍ ପାଖରେ ଥିବା ସୂଚନା ମିଳିଛି। ସୂଚନାଯୋଗ୍ୟ, ଅଦ୍ୟାବଧି ଟାଙ୍ଗୀ ରେଞ୍ଜ ଅଧିନସ୍ଥ ନାରଗଦାରେ ୧୭ଟି, ମଳିପ ୧ଟି,ଓଲସିଂହରେ ୧ଟି ଓ ରାମେଶ୍ୱରରେ ୧ଟି ମୋଟ ୪୦ଟି ହାତୀ ରହିଥିବା ଜଣାପଡ଼ିଛି। ଏମାନଙ୍କୁ ଘଉଡ଼ାଇବା ସହ ବ୍ୟାପକ ସଚେତନ କରାଯାଉଥିବା ଟାଙ୍ଗୀ ରେଞ୍ଜର ଦେବାଶିଷ ଭୋଇ ସୂଚନା ଦେଇଛନ୍ତି।





ରାଷ୍ଟ୍ରୀୟ ବାଲ୍ ପୁରସ୍କାର ପାଇଥିବା ଓଡ଼ିଆ ଝିଅ କୁମାରୀ ପ୍ରୀତିସ୍ମିତା ଭୋଇ ଶୁକ୍ରବାର ଲୋକସେବା ଭବନଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଭେଟି ମେଡାଲ ଓ ମାନପତ୍ର ଦେଖାଉଛନ୍ତି।



ଓଡ଼ିଶା ଗସ୍ତରେ ଆସିଥିବା ନ୍ୟାଶନାଲ ଫୋରେନ୍ସିକ୍ ସାଇନ୍ସ ବିଶ୍ୱବିଦ୍ୟାଳୟ (ଏନ୍ଏଫ୍ଏସ୍ୟୁ) କୁଳପତି ଡ. ଜେ.ଏମ୍. ବ୍ୟାସ ଶୁକ୍ରବାର ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରୁଛନ୍ତି।

## ଜାନୁଆରୀରେ ବିଜେବି କଲେଜ ଆସିବ ନାକ୍ ଟିମ୍

ଭୁବନେଶ୍ୱର,୨୭।୧୨(ସୁଚିସ୍ମିତା ସାହୁ): ନ୍ୟାଶନାଲ ଆସେସ୍‌ମେଣ୍ଟ ଆଣ୍ଡ ଆକ୍ରିଡିଟେଶନ କାଉନ୍‌ସିଲ (ନାକ୍) ଟିମ୍ ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟକୁ ଦ୍ୱିତୀୟ ପର୍ଯ୍ୟାୟ ପରିଦର୍ଶନରେ ଆସିବେ। ଜାନୁଆରୀ ୮, ୯, ୨୦ ଓ ୨୧ ତାରିଖ ମଧ୍ୟରୁ କୌଣସି ଦିନ ଆସିପାରନ୍ତି। ଏଥିନିମନ୍ତେ ସେଲ୍ଫ ଷ୍ଟଡି ରିପୋର୍ଟ (ଏସ୍ଏସ୍ଆର୍) ଦାଖଲ ହୋଇଥିବା ବେଳେ ନାକ୍ ଟିମ୍‌କୁ ଆସିବାକୁ ମଧ୍ୟ ଅନୁମୋଦନ ମିଳିଛି। ଏନେଇ ମହାବିଦ୍ୟାଳୟର ସମସ୍ତ ପ୍ରମାଣପତ୍ର ପ୍ରସ୍ତୁତ ରଖାଯାଇଛି। ଏଥିସହ ମହାବିଦ୍ୟାଳୟ ପରିସରକୁ ସୌନ୍ଦର୍ଯ୍ୟକରଣ କରିବା ସହ ରଙ୍ଗ କରାଯାଇଛି। ବାଳିକା ହଷ୍ଟେଲ କାର୍ଯ୍ୟକ୍ଷମ କରିବା ସହ ସମସ୍ତ ହଷ୍ଟେଲର ନିର୍ମାଣ କାର୍ଯ୍ୟ ଶେଷ କରିବାକୁ କର୍ତ୍ତୃପକ୍ଷ ଲାଗିପଡ଼ିଛନ୍ତି। ମହାବିଦ୍ୟାଳୟ ପରିସରରେ ନୂତନ କ୍ୟାଣ୍ଟିନ, ସାଇକେଲ ଷ୍ଟାଣ୍ଡ, ପାର୍କଗୁଡ଼ିକୁ ସୁସଜିତ କରାଯାଇଥିବା ପ୍ରିନ୍ସିପାଲ ଇତିଶ୍ରୀ ପାଢ଼ୀ ସୂଚନା ଦେଇଛନ୍ତି।

# ବିଏମ୍‌ସି ବୈଠକ ବାତିଲ, ସ୍ଥଗିତ ରହିଲା ପଥ ଉତ୍ସବ

■ ସିଟି ଆକ୍ଟିଭେଶନ୍ କାର୍ଯ୍ୟକ୍ରମ ସ୍ଥଗିତ
■ ଜାନୁଆରୀ ୧୫ରେ ବୈଠକ, ୫ରେ ପଥୋତ୍ସବ

ଭୁବନେଶ୍ୱର, ୨୭।୧୨ (ବନ୍ଦନା ସେଠୀ)

ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଡ. ମନମୋହନ ସିଂଙ୍କ ବିୟୋଗରେ ୭ଦିନିଆ ରାଷ୍ଟ୍ରୀୟ ଶୋକ ପାଳନ କରାଯାଉଛି। ଏହି ପରିପ୍ରେକ୍ଷୀରେ ଶୁକ୍ରବାର ହେବାକୁ ଥିବା ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)ର ୨୭ତମ ସାଧାରଣ ପରିଷଦ ବୈଠକ ସ୍ଥଗିତ ରଖାଯାଇଛି। ଏହି ବୈଠକ ଜାନୁଆରୀ ୧୫ରେ ଅନୁଷ୍ଠିତ ହେବ ବୋଲି ବିଏମ୍‌ସି ପକ୍ଷରୁ ସୂଚନା ଦିଆଯାଇଛି।



ସେହିପରି ପ୍ରବାସୀ ଭାରତୀୟଙ୍କୁ ସ୍ୱାଗତ ଜଣାଇବା ପାଇଁ ସହରର ବିଭିନ୍ନ ସ୍ଥାନରେ ଚାଲିଥିବା ସିଟିଆକ୍ଟିଭେଶନ କାର୍ଯ୍ୟକ୍ରମକୁ ବନ୍ଦ ରଖାଯାଇଥିବାବେଳେ ଡିସେମ୍ବର ୨୯ରେ ହେବାକୁ ଥିବା 'ପଥ ଉତ୍ସବ'କୁ ମଧ୍ୟ ସ୍ଥଗିତ ରଖାଯାଇଛି। ଜାନୁଆରୀ ୫ରେ ପଥୋତ୍ସବ ଅନୁଷ୍ଠିତ ହେବ ଏବଂ ଏହାପରଠାରୁ ପ୍ରବାସୀ ଭାରତୀୟ ସମାରୋହର ସମସ୍ତ କାର୍ଯ୍ୟକ୍ରମ ଶେଷ ପର୍ଯ୍ୟନ୍ତ ଜାରି ରହିବ। ପ୍ରବାସୀ ଭାରତୀୟ ସମାରୋହକୁ ସରସ, ସୁନ୍ଦର ଓ ଚିତ୍ତାକର୍ଷକ କରାଯିବାକୁ ପ୍ରୟାସ ଚାଲିଛି। ଏଥିରେ ୧୪୦ଟି ଦେଶରେ ରହି କାମ କରୁଥିବା ୭ହଜାରରୁ ଅଧିକ ପ୍ରବାସୀ ଭାରତୀୟ ଯୋଗଦେବାର କାର୍ଯ୍ୟକ୍ରମ ରହିଥିବାବେଳେ ସେମାନେ ଯେପରି ଏକ ସୁନ୍ଦର ଅନୁଭୂତି ନେଇ ଭୁବନେଶ୍ୱରରୁ ଫେରିବେ, ସେଥିପାଇଁ ସମସ୍ତ କର୍ପୋରେଟର ସହାୟତାର ହାତ ବଢାଇବାକୁ ମେୟର ସୁଲୋଚନା ଦାସ ଓ କମିଶନର ରାଜେଶ ପ୍ରଭାକର ପାଟିଲ ଅନୁରୋଧ କରିଛନ୍ତି। ପୂର୍ବରୁ ବିଏମ୍‌ସିର ସାଧାରଣ ପରିଷଦ ବୈଠକ ବସିବା ପାଇଁ ସମସ୍ତଙ୍କୁ ନୋଟିସ୍ ଦିଆଯାଇଥିଲା। ନିର୍ଦ୍ଧାରିତ ସମୟରେ ସମସ୍ତ କର୍ପୋରେଟର, ଉପବିଭାଗୀୟ ଓ ଅନ୍ୟ ଅଧିକାରୀମାନେ ଉପସ୍ଥିତ ହୋଇଥିଲେ। ଆରମ୍ଭରୁ ମେୟର, ଡେପୁଟି ମେୟର, କମିଶନର ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ଏହାପରେ ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ବିରଞ୍ଚିନାରାୟଣ ମହାସୂପକାର ସ୍ୱର୍ଗତ ସିଂଙ୍କ ଅବର୍ତ୍ତମାନରେ ଶୋକ ପ୍ରସ୍ତାବ ଆଗତ କରିଥିଲେ। ଏହାପରେ ବୈଠକକୁ ବାତିଲ କରାଯାଇଥିଲା। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ କମିଶନର ରତ୍ନାକର ସାହୁ, ସସ୍ମିତା ସାହୁ, ସିଟି ଇଞ୍ଜିନିୟର ବିକାସ କୁମାର ବେହେରା, ଜୋନାଲ କମିଶନର କୈଳାସ ଚନ୍ଦ୍ର ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## 'ଷଠିଘରରୁ ଷାଠିଏ' ଉନ୍ମୋଚିତ




ଭୁବନେଶ୍ୱର,୨୭।୧୨(ସୁଚିସ୍ମିତା ସାହୁ)

ଚାନ୍ଦମାମା ସ୍ୱେଚ୍ଛାସେବୀ ସଂଗଠନ ପକ୍ଷରୁ ସଂସ୍କୃତି ଚିନ୍ତକ ରବୀନ୍ଦ୍ରନାଥ ସାହୁଙ୍କ ୬୦ତମ ଜୟନ୍ତୀ ଏବଂ 'ଷଠିଘରରୁ ଷାଠିଏ' ପୁସ୍ତକ ଉନ୍ମୋଚିତ ହୋଇଯାଇଛି। ଏନେଇ ସ୍ଥାନୀୟ ଏକ ହୋଟେଲରେ ଶୁକ୍ରବାର ପୂର୍ବତନ ମନ୍ତ୍ରୀ ସୁରେଶ କୁମାର ରାଉତରାୟ ଅତିଥି ଭାବେ ଯୋଗଦେଇ କହିଲେ, ରବି ବାବୁ ଅସହାୟଙ୍କ ସାହାରା। ପରମ୍ପରାକୁ ଉଜ୍ଜୀବିତ ରଖିବା ଲାଗି ତାଙ୍କ ପ୍ରୟାସ ସଦା ପ୍ରେରଣା ଦେଉଥିବ। ବିଧାୟକ ବାବୁ ସିଂ କହିଲେ, ସଂସ୍କୃତି ଯେବେ ଅବକ୍ଷୟ ହେବାକୁ ଲାଗେ ସେତେବେଳେ କିଛି ବ୍ୟକ୍ତି ଆଲୋକ ବର୍ତ୍ତିକା ସାଜନ୍ତି। ସେମାନଙ୍କ ମଧ୍ୟରେ ରବି ବାବୁ ଅନ୍ୟତମ। ସଂସ୍କୃତି ଓ ପରମ୍ପରାର ଜାଗ୍ରତ ପ୍ରହରୀ ଭାବେ ତାଙ୍କ ଅବଦାନ ଅମଳୀନ ରହିବ। ପୂର୍ବତନ ବ୍ଲକ ଅଧ୍ୟକ୍ଷ ଦୁଃଶାସନ ସ୍ୱାଇଁ, କର୍ପୋରେଟର ରଶ୍ମିରଞ୍ଜନ ପାଢଶାଣୀ, କେନ୍ଦ୍ରୀୟ ଧାନ ଗବେଷଣା କେନ୍ଦ୍ର ବୈଜ୍ଞାନିକ ଡ.ଆନନ୍ଦ ପ୍ରକାଶ, ରୋଟାରିଆନ ଭକ୍ତ ରଞ୍ଜନ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ସଂଗଠନ ସମ୍ପାଦିକା ପ୍ରଜ୍ଞା ପାରମିତା ସାହୁ ପରିଚାଳନା କରିଥିଲେ।

## ମନ୍ତ୍ରମୁଗ୍ଧ କଲା ଦଳଗତ ନୃତ୍ୟ

ଭୁବନେଶ୍ୱର,୨୭।୧୨ (ସୌମ୍ୟରଞ୍ଜନ ରାଉତ)

**ନୃତ୍ୟ, ସଙ୍ଗୀତ ଓ ଚିତ୍ରଶିଳ୍ପୀଙ୍କୁ 'କଳା ସମର୍ପଣ ଆୱାର୍ଡ'**



ତ୍ରିଭଙ୍ଗ କଳା ନିକେତନ ନୃତ୍ୟ ଅନୁଷ୍ଠାନ ପକ୍ଷରୁ ଶୁକ୍ରବାର ସର୍ବଭାରତୀୟ ନୃତ୍ୟ, ସଙ୍ଗୀତ ଓ କଳା ଉତ୍ସବ ଜିକେସିଏମ୍ ଓଡ଼ିଶୀ ଗବେଷଣା କେନ୍ଦ୍ରଠାରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ମର୍ଦ୍ଦଳ ଗୁରୁ ସଚ୍ଚିଦାନନ୍ଦ ଦାସ, ଓଡ଼ିଶୀ କଣ୍ଠସଙ୍ଗୀତ ଗୁରୁ ନିମାକାନ୍ତ ରାଉତରାୟ ଓ ଗୁରୁ ପ୍ରଦୀପ କୁମାର ଦାସ ଯୋଗଦେଇଥିଲେ। ଅପରାହ୍ନ ଅଧିବେଶନରେ ଓଡିଶାର ବିଭିନ୍ନ ଜିଲାରୁ ଆସିଥିବା ଶାସ୍ତ୍ରୀୟ, ଲୋକନୃତ୍ୟ ଶିଳ୍ପୀମାନେ ଦଳଗତ ଭାବେ ନୃତ୍ୟ ପରିବେଷଣ କରି ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ। ସନ୍ଧ୍ୟା ଅଧିବେଶନରେ ଅତିଥି ଭାବେ କେନ୍ଦ୍ର ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାରପ୍ରାପ୍ତ ମର୍ଦ୍ଦଳ ଗୁରୁ ଧନେଶ୍ୱର ସ୍ୱାଇଁ, ଓଡିଶୀ ନୃତ୍ୟଗୁରୁ ଡ. ମନୋରଞ୍ଜନ ପ୍ରଧାନ, ଓଡିଶୀ କଣ୍ଠସଙ୍ଗୀତ ଗୁରୁ ସୁକାନ୍ତ କୁଣ୍ଡୁ ଓ ନୃତ୍ୟଗୁରୁ ଭରତ ଚରଣ ଗିରି ଯୋଗଦେଇ ନୃତ୍ୟ, ସଙ୍ଗୀତ ଓ ଚିତ୍ରଶିଳ୍ପୀଙ୍କୁ 'କଳା ସମର୍ପଣ ଆୱାର୍ଡ' ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ବ୍ରହ୍ମପୁରରୁ ଗୁରୁ ସୋନାଲି ସାବତ, ରାଉରକେଲାରୁ ଗୁରୁ ନୀଳାଦ୍ରି ମହାନ୍ତି, ଭୁବନେଶ୍ୱରରୁ ଗୁରୁ ମଲ୍ଲିକା ସ୍ୱାଇଁ, ଗୁରୁ ସନ୍ଧ୍ୟାରାଣୀ ମହାପାତ୍ର, ଜଗତ୍‌ସିଂହପୁରରୁ ଗୁରୁ ରାଜନ ଗୁରୁ, କନ୍ଧମାଳରୁ ଗୁରୁ ଲକ୍ଷ୍ମୀନାରାୟଣ ପୁରୋହିତ ଓ ବୁର୍ଲାରୁ ଗୁରୁ ପୂଜା ପରିମିତା ସାହୁ ନୃତ୍ୟ ପରିବେଷଣ କରିଥିଲେ। ପରେ ଅନୁଷ୍ଠାନର ଛାତ୍ରୀଛାତ୍ରମାନେ ନୃତ୍ୟ ପରିବେଷଣ କରିଥିବାବେଳେ ଚିତ୍ର ପ୍ରଦର୍ଶନୀ ମଧ୍ୟ ଅନୁଷ୍ଠିତ ହୋଇଥିଲା। ବିନୋଦ ଚନ୍ଦ୍ର ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ ଅନୁଷ୍ଠାନର ପ୍ରତିଷ୍ଠାତା ଗୁରୁ ବିକ୍ରମ ସାମଲ ଓ ସଙ୍ଗୀତ ଗୁରୁ ପ୍ରଦୀପ କୁମାର ଦାସ ଉତ୍ସବ ପରିଚାଳନା କରିଥିଲେ। ଅନୁଷ୍ଠାନର ନିର୍ଦ୍ଦେଶିକା ଗୁରୁ ସୁନିତା ସାମଲ ଧନ୍ୟବାଦ ଅର୍ପଣ କରିଥିଲେ।

## ନୂଆବର୍ଷରୁ ବଢ଼ିବ ଶୀତ

ଭୁବନେଶ୍ୱର,୨୭।୧୨(ଅନୁରାଧା ମହାରଣା)

ପଶ୍ଚିମା ଝଡ଼ ପ୍ରଭାବରେ ୨୮ରୁ ୩୦ ତାରିଖ ମଧ୍ୟରେ ଉତ୍ତର ତଥା ଉତ୍ତର-ପଶ୍ଚିମ ଓଡ଼ିଶାର କିଛି ଜିଲାରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ସମ୍ଭାବନା ରହିଛି। ୩୧ ତାରିଖରୁ ପରବର୍ତ୍ତୀ ୩ ଦିନ ମଧ୍ୟରେ ତାପମାତ୍ରା ୨ରୁ ୪ ଡିଗ୍ରୀ ହ୍ରାସ ପାଇବ। ଅର୍ଥାତ୍ ନୂଆବର୍ଷ ବେଳକୁ ପ୍ରବଳ ଶୀତ ଅନୁଭୂତ ହୋଇପାରେ ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଛି। ଅନ୍ୟପଟେ ଶନିବାର ଘନ କୁହୁଡ଼ି ନେଇ କଳାହାଣ୍ଡି, କନ୍ଧମାଳ, ବଲାଙ୍ଗୀର ଓ ନବରଙ୍ଗପୁର ଜିଲାକୁ ୟେଲୋ ୱାର୍ନିଂ ଜାରି କରାଯାଇଛି।

## ଜିରୋ ନାଇଟ୍ ପାଇଁ କମିଶନରେଟ୍ ପୋଲିସର ପ୍ରସ୍ତୁତି

ଭୁବନେଶ୍ୱର,୨୭।୧୨(ସତ୍ୟଜିତ୍ ରାଉତ)

**ଡ୍ରଙ୍କ୍ ଆଣ୍ଡ ଡ୍ରାଇଭିଂକୁ ସ୍ୱତନ୍ତ୍ର ଧ୍ୟାନ-ଡିସିପି**

ନୂଆବର୍ଷକୁ ଉତ୍ସାହର ସହ ପାଳନ କରିବାକୁ ସମସ୍ତେ ପ୍ରସ୍ତୁତି ଆରମ୍ଭ କରିଲେଣି। ବିଶେଷକରି ଭୁବନେଶ୍ୱରରେ ଜିରୋ ନାଇଟ୍ ସେଲିବ୍ରେଶନ୍ ପାଇଁ ହୋଟେଲ, ବାର୍ ଓ ସହରର ଅନ୍ୟାନ୍ୟ ସ୍ୱତନ୍ତ୍ର ସ୍ଥାନରେ ବିଶେଷ ଆୟୋଜନ ହୋଇଛି। ଜିରୋ ନାଇଟ୍ ସେଲିବ୍ରେଶନ୍‌କୁ ସୁରକ୍ଷିତ ଓ ଶୃଙ୍ଖଳିତ କରିବା ପାଇଁ କମିଶନରେଟ୍ ପୋଲିସ ପକ୍ଷରୁ ପ୍ରସ୍ତୁତି ହୋଇଛି। ଏନେଇ ଭୁବନେଶ୍ୱର ଡିସିପି ପିନାକ ମିଶ୍ର କହିଛନ୍ତି, ସେଲିବ୍ରେଶନ ଆଳରେ ବିଶୃଙ୍ଖଳା ଆଚରଣକୁ ବରଦାସ୍ତ କରାଯିବ ନାହିଁ। ଡ୍ରଙ୍କ୍ ଆଣ୍ଡ ଡ୍ରାଇଭ୍ ସବୁଠୁ ବଡ଼ ଆହ୍ୱାନ। ନୂଆବର୍ଷର ଏହି ସମୟରେ ପ୍ରତ୍ୟେକ ବର୍ଷ ଭୟାବହ ଦୁର୍ଘଟଣା ଘଟି ମୂଲ୍ୟବାନ ଜୀବନ ଯାଇଥାଏ। ଡ୍ରଙ୍କ୍ ଆଣ୍ଡ ଡ୍ରାଇଭ୍‌କୁ ବନ୍ଦ କରିବାକୁ ଆମେ ସ୍ୱତନ୍ତ୍ର ଧ୍ୟାନ ଦେଉଛୁ। ଟ୍ରାଫିକ୍ ଟିମ୍‌ର ମିଳିତ ସହଯୋଗରେ ଆମେ ମଦ୍ୟପାନ କରି ଗାଡ଼ି ଚଳାଇବା ପ୍ରତି ବିଭିନ୍ନ ସ୍ଥାନରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବୁ। ସହରବାସୀ ଖୁସିର ସହ ଏହି ଉତ୍ସବକୁ କେମିତି ପାଳନ କରିବେ ସେନେଇ ଆମେ ଗୁରୁତ୍ୱ ଦେବୁ। କୌଣସି ସ୍ଥାନକୁ ସେଲିବ୍ରେଶନ୍ ପାଇଁ ଗଲେ ବ୍ୟକ୍ତିଗତ ଡ୍ରାଇଭରଙ୍କୁ ନେଇ ଯିବାକୁ ଡିସିପି ପରାମର୍ଶ ଦେଇଛନ୍ତି। ଉନ୍ମାଦ ଆଚରଣ କଲେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନେବୁ ବୋଲି ମିଶ୍ର ଚେତାବନୀ ଦେଇଛନ୍ତି।

## ଆଇସିସି ରାଜ୍ୟ ପରିଷଦର ବାର୍ଷିକ ଉତ୍ସବ




ଭୁବନେଶ୍ୱର,୨୭।୧୨ (ସୌମ୍ୟରଞ୍ଜନ ରାଉତ)

**ରାଜୀବ ସାହୁ ନୂଆ ଅଧ୍ୟକ୍ଷ**

ଇଣ୍ଡିଆନ ଚାମ୍ବର ଅଫ୍ କମର୍ସ(ଆଇସିସି) ରାଜ୍ୟ ପରିଷଦର ବାର୍ଷିକ ଉତ୍ସବ ଶୁକ୍ରବାର ସ୍ଥାନୀୟ ଏକ ହୋଟେଲରେ ଅନୁଷ୍ଠିତ ହୋଇଯାଇଛି। ଏହ ଅବସରରେ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ରାଜୀବ ସାହୁଙ୍କୁ ଆଇସିସି ରାଜ୍ୟ ପରିଷଦର ନୂତନ ଅଧ୍ୟକ୍ଷ ଭାବେ ଚୟନ କରାଯାଇଛି। ସେହିପରି ଧର୍ମାଦିତ୍ୟ ପଟ୍ଟନାୟକଙ୍କୁ ବରିଷ୍ଠ ଉପାଧ୍ୟକ୍ଷ ଓ ନୀଳାଞ୍ଜନା ମୁଖାର୍ଜୀଙ୍କୁ ଉପାଧ୍ୟକ୍ଷ ଦାୟିତ୍ୱ ଦିଆଯାଇଛି। ସମ୍ମାନିତ ଅତିଥି ଭାବେ ରାଜ୍ୟ ଭାଜପା ସଭାପତି ମନମୋହନ ସାମଲ ଯୋଗଦେଇ ନବନିର୍ବାଚିତ ଅଧିକାରୀଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଆଇସିସି ଓଡ଼ିଶା ରାଜ୍ୟ କାର୍ଯ୍ୟାଳୟ ଶିଳ୍ପ ଏବଂ ସରକାରଙ୍କ ମଧ୍ୟରେ ଉଭୟ ଆଞ୍ଚଳିକ ତଥା ରଣନୀତିଗତ ସମସ୍ୟାର ସମାଧାନ ଉପରେ ଧ୍ୟାନ ଦେଇଥାଏ। ଏଥିସହ ପ୍ରତ୍ୟେକ କୃଷି ଏବଂ ଖାଦ୍ୟ ପ୍ରକ୍ରିୟାକରଣ ପରି କ୍ଷେତ୍ର ଉପରେ ଧ୍ୟାନଦେଉଥିବା ଅତିଥିମାନେ କହିଥିଲେ। ଆଇସିସିର ଡାଇରେକ୍ଟର ଜେନେରାଲ ଡ. ରାଜୀବ ସିଂହ ଧନ୍ୟବାଦ ଦେଇଥିଲେ। ସୂଚନା ଥାଉକି, ଆଇସିସି ଧାତୁ ଓ ଖଣି, ସିଏସ୍ଆର, ମାନବ ସମ୍ବଳ, ଆଇଆର୍ ଦକ୍ଷତା ଓ ଶିକ୍ଷା, ସ୍ୱାସ୍ଥ୍ୟସେବା ଓ ଜୀବନ ବିଜ୍ଞାନ, ରିଅଲ ଇଷ୍ଟେଟ, ଇଣ୍ଡଷ୍ଟ୍ରିଆଲ ଲଜିଷ୍ଟିକ୍ସ, ଏମ୍ଏସ୍ଏମ୍ଇ, ପରିବେଶ ସୁରକ୍ଷା ଓ ସ୍ୱାସ୍ଥ୍ୟ, ଅର୍ଥ ଓ ଟିକସ ଆଦି କ୍ଷେତ୍ରରେ କାର୍ଯ୍ୟ କରୁଛି। ଆଇଏନ୍‌ଡବ୍ଲ୍ୟୁଇସି (ମହିଳା ଉଦ୍ୟୋଗୀ କମିଟି) ମଧ୍ୟ ଏହି ଦିଗରେ ନିଜ କାର୍ଯ୍ୟ ଜାରି ରଖିଛି।

## ଗଞ୍ଜାମର ଘୁମୁରା ନୃତ୍ୟରେ ଦର୍ଶକ ବିଭୋର

**ଚଉଷଠି ଯୋଗିନୀ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା**

ବାଲକାଟୀ,୨୭।୧୨(ମନୋଜ ମଣ୍ଡଳ)




ହୀରାପୁରସ୍ଥିତ ଚଉଷଠି ଯୋଗିନୀ ମହୋତ୍ସବ କମିଟି ଆନୁକୂଲ୍ୟରେ ଆୟୋଜିତ ଅଷ୍ଟାଦଶ ଯୋଗିନୀ ମହୋତ୍ସବ ଶୁକ୍ରବାର ଦ୍ୱିତୀୟ ସନ୍ଧ୍ୟାରେ ପହଞ୍ଚିଛି। ମୁଖ୍ୟ ଅତିଥି ଭାବେ ବାଲିଅନ୍ତା ବ୍ଲକ ଉପାଧ୍ୟକ୍ଷା ଇତିଶ୍ରୀ ଜେନା ପ୍ରଦୀପ ପ୍ରଜ୍ୱଳନ କରି ସାଂସ୍କୃତିକ ସନ୍ଧ୍ୟାକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ବ୍ଲକର ବିଭିନ୍ନ ପଞ୍ଚାୟତର ଜନ ପ୍ରତିନିଧିଙ୍କ ସମେତ ମହୋତ୍ସବ କମିଟି ସଭାପତି ସୁକାନ୍ତ କୁମାର ସାହୁ, ମହାମାୟା ଟ୍ରଷ୍ଟ ବୋର୍ଡ ଟ୍ରଷ୍ଟି ତ୍ରିନାଥ ପରିଡ଼ା, ଗ୍ରାମ୍ୟ କମିଟି ସଭାପତି ରବୀନ୍ଦ୍ର ନାୟକ, ସମ୍ପାଦକ ବନମାଳୀ ଦାସ ପ୍ରମୁଖ ମଞ୍ଚାସୀନ ଥିଲେ। ପ୍ରଥମ ପର୍ବରେ ପୁରୀର ନାଚଘର ଅନୁଷ୍ଠାନର କଳାକାରମାନେ ପାରମ୍ପରିକ ଦେବଦାସୀ ନୃତ୍ୟ ପରିବେଷଣ କରିଥିଲେ। ଭୁବନେଶ୍ୱର ଆରାଧନା ନୃତ୍ୟାନୁଷ୍ଠାନର କଳାକାରମାନେ ଗୋଟିପୁଅ ନୃତ୍ୟ ପରିବେଷଣ କରିଥିଲେ, ଯାହା ଦର୍ଶକଙ୍କ ହୃଦୟକୁ ବେଶ୍ ଛୁଇଁଥିଲା। ପରେ ଗଞ୍ଜାମରୁ ଆସିଥିବା କଳାକାରଙ୍କ ଘୁମୁରା ନୃତ୍ୟ ଦର୍ଶକଙ୍କୁ ବିମୋହିତ କରିଥିଲା। ମାରୁତି ବନାଟି କଳା ପରିଷଦ କଳାକାରଙ୍କ ଦ୍ୱାରା ଫାଇନ ଆର୍ଟ ବେଶ୍ ମନୋମୁଗ୍ଧକର ଥିଲା। ସାଂସ୍କୃତିକ ସନ୍ଧ୍ୟାର ଅନ୍ତିମ ପର୍ବରେ ସୁର୍ ଆଣ୍ଡ ରିଦିମ୍ ମେଲୋଡି ଟିମ୍‌ଙ୍କ ଆଧୁନିକ ଓଡ଼ିଆ ଓ ହିନ୍ଦୀ ରୋମାଣ୍ଟିକ ସଙ୍ଗୀତ ଦର୍ଶକଙ୍କୁ ମତୁଆଲା କରିଥିଲା।

**ସେଲ୍ଫି କର୍ଣ୍ଣର ଧରିତ୍ରୀ**

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com



@ ବଳରାମ



@ ମାନସ



@ ରୂପାଲୀ



@ ସିଲୁ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ଡା. ସ୍ମୃତିରେଖା ମହାନ୍ତିଙ୍କୁ 'ଇଣ୍ଟରନ୍ୟାଶନାଲ ଏମିନେନ୍ସ ଆୱାର୍ଡ'




ଭୁବନେଶ୍ୱର,୨୭।୧୨(ବନ୍ଦନା ସେଠୀ)

ଡାକ୍ତରୀ ଅନୁସନ୍ଧାନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ନିମନ୍ତେ ଡା. ସ୍ମୃତିରେଖା ମହାନ୍ତିଙ୍କୁ 'ଇଣ୍ଟରନ୍ୟାଶନାଲ ଏମିନେନ୍ସ ଆୱାର୍ଡ' ପ୍ରଦାନ କରାଯାଇଛି। ଏହି ପୁରସ୍କାର ଶିକ୍ଷା, ବ୍ୟବସାୟ ଏବଂ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ତଥା ଆବଶ୍ୟକ ପରିବର୍ତ୍ତନର ମାଧ୍ୟମ ପାଲଟିଥିବା ବ୍ୟକ୍ତିତ୍ୱମାନଙ୍କୁ ପ୍ରଦାନ କରାଯାଇଥାଏ। ଗ୍ଲୋବାଲ ଚାମ୍ବର ଅଫ୍ କଞ୍ଜ୍ୟୁମର୍ ରାଇଟ୍ସ(ଜିସିସିଆର୍)ର ସହଭାଗିତାରେ କିଙ୍ଗ୍ସକ୍ରାଫ୍ଟ ପ୍ରଡକ୍ସନ ଏଲ୍ଏଲ୍‌ପି ଦ୍ୱାରା ଏହି ପୁରସ୍କାର ବିତରଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ପୁରସ୍କାର ପାଇବା ପରେ ଡା. ମହାନ୍ତି ଏହାର ଶ୍ରେୟ ତାଙ୍କ ୟୁଜି ଗାଇଡ୍ ତଥା ପରାମର୍ଶଦାତା ଡା. ରୋହିତଙ୍କୁ ଦେଇଥିଲେ। ଏହି ଆୱାର୍ଡ ତାଙ୍କୁ ଆଗକୁ ବଢ଼ିବାକୁ ପ୍ରେରଣା ଦେଇଛି। ନିଷ୍ଠା, ପରିବାର ଏବଂ ବନ୍ଧୁ ପରିଜନଙ୍କ ସହଯୋଗ ମାନସିକ ଶକ୍ତି ପ୍ରଦାନ କରିବା ସହିତ ଜଣଙ୍କୁ ଶ୍ରେଷ୍ଠ ସଫଳତା ପ୍ରଦାନ କରେ ବୋଲି ସେ ମତ ଦେଇଛନ୍ତି। ଡା. ମହାନ୍ତି ଏବେ କୋଲକାତାର ଆଇସିଏମ୍ଆର୍-ଏନ୍ଆଇସିଇଡିରେ ଜୁନିୟର କନ୍‌ସଲଟାଣ୍ଟ ଭାବେ କାର୍ଯ୍ୟରତ।

## ଅନ୍ତର୍ଜାତୀୟ ଅର୍କ ନୃତ୍ୟ ଉତ୍ସବ ଉଦ୍‌ଘାଟିତ

ଭୁବନେଶ୍ୱର,୨୭।୧୨(ସୌମ୍ୟରଞ୍ଜନ ରାଉତ)

ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ଏମ୍‌ସିଏଲ୍ ଆନୁକୂଲ୍ୟରେ ଦାସି ସାଂସ୍କୃତିକ ଗ୍ରାମ ଅନୁଷ୍ଠାନ ପକ୍ଷରୁ ଦୁଇଦିନିଆ ଅନ୍ତର୍ଜାତୀୟ ଅର୍କ ନୃତ୍ୟ ଉତ୍ସବ ଶୁକ୍ରବାର ଭଞ୍ଜକଳା ମଣ୍ଡପରେ ଉଦ୍‌ଘାଟିତ ହୋଇଛି। ଅତିଥି ଭାବେ ଓଡ଼ିଶୀ ବିଶାରଦ ରମା ରଞ୍ଜନ କହଁର, ଭାଗ୍ୟଶ୍ରୀ ଦାସ, ଭାଗ୍ୟଶ୍ରୀ ପଟ୍ଟନାୟକ, ଜଗନ୍ନାଥ ପ୍ରଧାନ, ଓଡ଼ିଶୀ ନୃତ୍ୟାଙ୍ଗନା ଗୁରୁ ଜ୍ୟୋତି ରାଉତ, ପ୍ରମୋଦ ବିଶ୍ୱାଳ, ଅନୁଷ୍ଠାନ ସଭାପତି ନାରାୟଣ ମହାପାତ୍ର ଯୋଗଦେଇଥିଲେ। ୩ ଅଧିବେଶନରେ ଶିଳ୍ପୀମାନେ ନୃତ୍ୟ ପରିବେଷଣ କରିଥିଲେ। ଶିବଶଙ୍କର ମେହେର ସଂଯୋଜନା ଓ ମଞ୍ଚ ପରିଚାଳନା କରିଥିଲେ ବୁଦ୍ଧଦେବ ଦାଶ।

**ମଧୁବାବୁଙ୍କ ପ୍ରତିମୂର୍ତ୍ତି ପାର୍ଶ୍ୱ ଷ୍ଟିଲବାଡ଼ ମରାମତି ପାଇଁ ଦାବି**

ଚୌଦ୍ୱାର,(ଆଶୁତୋଷ ଦାସ): ଚୌଦ୍ୱାର ମହିଳା ମହାବିଦ୍ୟାଳୟ ସମ୍ମୁଖ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ପ୍ରତିମୂର୍ତ୍ତି ଚତୁଃପାର୍ଶ୍ୱରେ ଥିବା ଷ୍ଟିଲ୍ ବାଡ଼ର କିଛିଅଂଶ ଅଜଣା ଗାଡ଼ି ଧକ୍କାରେ ଭାଙ୍ଗିଯାଇଥିଲା। ଏଥିସହ ସେଠାରେ ଲାଗିଥିବା ସୂଚନା ଫଳକ ମଧ ଭାଙ୍ଗିଯାଇଛି। ଏହାର ମରାମତି ପାଇଁ ସ୍ଥାନୀୟ ଜନସାଧାରଣଙ୍କ ପକ୍ଷରୁ ପୌରପାଳିକାକୁ ଅବଗତ କରାଯାଇଥିଲା। ହେଲେ ଏପର୍ଯ୍ୟନ୍ତ ଏଦିଗରେ ପଦକ୍ଷେପ ନିଆଯାଇନାହିଁ। ତୁରନ୍ତ ଏହାର ମରାମତି ପାଇଁ ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି।

# ‘ଶିଶୁଙ୍କ ଅନ୍ତର୍ନିହିତ ପ୍ରତିଭା ବିକାଶ ପାଇଁ ମାତାପିତା ଚେଷ୍ଟିତ ହୁଅନ୍ତୁ’


ଶିଶୁ ଉତ୍ସବର ଉଦ୍‌ଘାଟନୀ ସନ୍ଧ୍ୟାରେ ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି।

### ଓଷ୍ଟାର ଶିଶୁ ଉତ୍ସବ ଉଦ୍‌ଘାଟିତ

କଟକ,୨୭।୧୨(କାର୍ତ୍ତିକ ସାହୁ)

ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ(ଓଷ୍ଟା)ର ରାଜ୍ୟସ୍ତରୀୟ ଶିଶୁ ଉତ୍ସବ ଓଷ୍ଟାର ନୟାସଡ଼କସ୍ଥିତ ରାଜ୍ୟ କାର୍ଯ୍ୟାଳୟର କୈଳାସ ଚନ୍ଦ୍ର ମହାପାତ୍ର ସଭାକକ୍ଷରେ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ପ୍ରାରମ୍ଭରେ ଓଷ୍ଟା ସଭାପତି ଅକ୍ଷୟ କୁମାର ମିଶ୍ର ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ମନମୋହନ ସିଂଙ୍କ ସ୍ମୃତିଚାରଣକରି ୧ ମିନିଟ୍ ନୀରବ ପ୍ରାର୍ଥନା ଘୋଷଣା କରିଥିଲେ। ସ୍ୱର୍ଗତ ସିଂଙ୍କ ପ୍ରତି ସମ୍ମାନ ଜ୍ଞାପନ କରି ଅତିଥିମାନେ ଉତ୍ସବରେ ମଞ୍ଚାସୀନ ନ ହୋଇ ମଞ୍ଚ ତଳେ କାର୍ଯ୍ୟକ୍ରମ କରିଥିଲେ।

ମୁଖ୍ୟ ଅତିଥି ଅଭିନେତା ଶ୍ରୀତମ ଦାସ ଉତ୍ସବ ଉଦ୍‌ଘାଟନକରି ଛାତ୍ରୀଛାତ୍ର ପାଠପଢ଼ା ସହ ନାଚଗୀତ, ଖେଳକୁଦ ଆଦି କାର୍ଯ୍ୟକ୍ରମରେ ଭାଗନେବା ଉପରେ ଗୁରୁତ୍ୱ ଆରୋପ କରିଥିଲେ। ଶିଶୁଙ୍କ ଅନ୍ତର୍ନିହିତ ପ୍ରତିଭାର ବିକାଶ ପାଇଁ ମାତାପିତା ଚେଷ୍ଟିତ ହୁଅନ୍ତୁ ବୋଲି ସେ କହିଥିଲେ। ବରେଣ୍ୟ ଅତିଥି ଏକାମ୍ର ବିଧାୟକ ବାବୁ ସିଂ ଯୋଗଦେଇ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ପ୍ରେରିତ ବାର୍ତ୍ତା ପାଠ କରିଥିଲେ। ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ମାହାଙ୍ଗା ବିଧାୟକ ଶାରଦା ପ୍ରସାଦ ପ୍ରଧାନ ଛାତ୍ରୀଛାତ୍ରଙ୍କ ଉଦ୍ଦେଶ୍ୟରେ ବହୁ ଉପାଦେୟ ଉପଦେଶ ଦେଇଥିଲେ। ଏହି ଅବସରରେ ଓଷ୍ଟାର ଶିକ୍ଷାପ୍ରଦୀପ ବିଶେଷାଙ୍କ ଆମର ଶିଶୁ ପୁସ୍ତକ ଉନ୍ମୋଚିତ ହୋଇଥିଲା। ଓଷ୍ଟାର ସାଧାରଣ ସମ୍ପାଦକ ରଞ୍ଜନ କୁମାର ଦାଶ ଶିଶୁ ପ୍ରତିଭା ବିକାଶରେ ଓଷ୍ଟା ପକ୍ଷରୁ ଗ୍ରହଣ କରାଯାଇଥିବା ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। କୋଷାଧ୍ୟକ୍ଷ ଅଶୋକ କୁମାର ମହାପାତ୍ର ଛାତ୍ରୀଛାତ୍ରଙ୍କୁ ପାଠପଢ଼ା ଚାପରୁ ମୁକ୍ତ ପାଇଁ ଅଭିଭାବକ ସର୍ବଦା ଚେଷ୍ଟିତ ହେବାକୁ ଆହ୍ୱାନ ଦେଇଥିଲେ। ଶିକ୍ଷାପ୍ରଦୀପ ସମ୍ପାଦକ ଶଙ୍କର କୁମାର ସୁବୁଦ୍ଧି ନାଗରିକ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ରାଜ୍ୟର ସବୁ ଜିଲ୍ଲାରୁ ଆସିଥିବା ୩୧୦ ଜଣ ପ୍ରତିଯୋଗୀ, ୬୨ ଜଣ ଗାଇଡ୍ ଶିକ୍ଷକ ଓ ଓଷ୍ଟାର କର୍ମକର୍ତ୍ତାଙ୍କୁ ନେଇ ଏହି ଉତ୍ସବ ଅନୁଷ୍ଠିତ ହୋଇଛି। ଓଷ୍ଟାର ଶୈକ୍ଷିକ କମିଟି ସମ୍ପାଦକ ପ୍ରଣବ କୁମାର ଜେନା ଅତିଥି ପରିଚୟ ଓ ଯୁଗ୍ମ ସାଧାରଣ ସମ୍ପାଦକ ବ୍ରଜକିଶୋର ବିଶ୍ୱାଳ ଧନ୍ୟବାଦ ଦେଇଥିଲେ। ଓଷ୍ଟାର କାର୍ଯ୍ୟକାରୀ ସଭାପତି ନୀଳମଣି ପୁରୋହିତଙ୍କ ସମେତ କର୍ମକର୍ତ୍ତାମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ସରପଞ୍ଚଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ


ଆଠଗଡ଼ ଉପଜିଲାପାଳଙ୍କୁ ୱାର୍ଡସଭ୍ୟମାନେ ଦାବିପତ୍ର ପ୍ରଦାନ କରୁଛନ୍ତି।

### ଉପଜିଲାପାଳଙ୍କୁ ଦାବିପତ୍ର

ଆଠଗଡ,୨୭।୧୨ (ସତ୍ୟ ପ୍ରକାଶ ରଥ)

ବଡମ୍ବା ବ୍ଲକ ଅଞ୍ଚଳର ଜଣେ ସରପଞ୍ଚଙ୍କ ବିରୋଧରେ ୱାର୍ଡ ସଭ୍ୟାସଭ୍ୟମାନେ ଅନାସ୍ଥା ପ୍ରସ୍ତାବ ଆଗତ ନିମନ୍ତେ ଶୁକ୍ରବାର ଆଠଗଡ ଉପଜିଲାପାଳ ପ୍ରହ୍ଲାଦ ନାରାୟଣ ଶର୍ମାଙ୍କୁ ଦାବିପତ୍ର ଦେଇଛନ୍ତି। ଅଭିଯୋଗ ଅନୁଯାୟୀ, ଉକ୍ତ ସରପଞ୍ଚ ବିଭିନ୍ନ ବିଶୃଙ୍ଖଳା କାର୍ଯ୍ୟରେ ଲିପ୍ତ ରହିବା ସହ ଲୋକଙ୍କୁ ଦୁର୍ବ୍ୟବହାର କରୁଛନ୍ତି। ସଭ୍ୟଙ୍କୁ ଉପେକ୍ଷା କରୁଛନ୍ତି। ଏହାଦ୍ୱାରା ସରକାରଙ୍କ ଆର୍ଥିକ ଅନୁଦାନର ଠିକ୍ ଭାବେ ବିନିଯୋଗ ହୋଇପାରୁନାହିଁ। ବିନା ନୋଟିସରେ ପଞ୍ଚାୟତ କାର୍ଯ୍ୟ କରିବା ଓ ୱାର୍ଡ ସଭ୍ୟଙ୍କର ସଦସ୍ୟ ପଦ ରଦ୍ଦ କରିବା ଏବଂ ସରପଞ୍ଚଙ୍କ ଅସହଯୋଗ ପାଇଁ ସମସ୍ତ ଉନ୍ନୟନ କାର୍ଯ୍ୟ ବନ୍ଦ ହୋଇଥିବା ଦାବିପତ୍ରରେ ଉଲ୍ଲେଖ ରହିଛି।

## ଯାଞ୍ଚ ପରେ କାର୍ଯ୍ୟାନୁଷ୍ଠାନ ନିଆଯିବ: ଜିଲାପାଳ

### ଧବଳେଶ୍ୱର ଗଡ଼ାରେ ସରକାରୀ ଜମି ବିକ୍ରି ଘଟଣା

କଟକ,୨୭।୧୨ (କାର୍ତ୍ତିକ ସାହୁ)

କଟକ ଧବଳେଶ୍ୱର ଗଡ଼ାରେ ସରକାରୀ ଜମି ବିକ୍ରି ଘଟଣାକୁ ନେଇ ତୁରନ୍ତ ଯାଞ୍ଚ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲପାଳ ଦତ୍ତାତ୍ରୟ ଭାଉସାହେବ ସିନ୍ଦେ ଗଣମାଧ୍ୟମକୁ କହିଛନ୍ତି। ସରକାରୀ ଜମିକୁ ବେଆଇନ ଭାବେ କେହି ବିକ୍ରି କରିପାରିବେ ନାହିଁ। ଏଭଳି କରିଥିଲେ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯିବ। ତୁରନ୍ତ ପ୍ରଶାସନିକ ଅଧିକାରୀ ସେଠାରେ ପହଞ୍ଚି ସରକାରୀ ଜମି ମାପଚୁପ କରିବେ। ବେଆଇନ ଭାବେ ଘର ହୋଇଥିଲେ ତାହାକୁ ଭଙ୍ଗାଯିବ। ସରକାରୀ ଜମିକୁ କେହି ବିନା କାଗଜପତ୍ରରେ ଅଜଣା ବ୍ୟକ୍ତିଙ୍କଠାରୁ କିଣନ୍ତୁ ନାହିଁ। ବେଆଇନ ଭାବେ ଜମି ବିକ୍ରି କରୁଥିବା ଅଭିଯୋଗ ଆସିଲେ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲାପାଳ କହିଛନ୍ତି।

ପ୍ରକାଶ ଯେ, ଧବଳେଶ୍ୱର ଗଡ଼ାଠାରେ ସରକାରୀ ଜମି ବିକ୍ରି କରିବା ଘଟଣାରେ ସିଡିଏ ଫେଜ୍-୨ ଥାନା ପୋଲିସ ୩ ଜଣଙ୍କ ନାମରେ ମାମଲା ରୁଜୁ କରିଛି। ଏଥିସହ ଟଙ୍କା ନେଣଦେଣର ଭିଡିଓ ଜବତ କରିଛି। ନୟନା ନାୟକ, ତାଙ୍କ ସ୍ୱାମୀ ଦୁଃଶାସନ ନାୟକ ଏବଂ ମମତା ନାୟକଙ୍କ ନାମରେ ମାମଲା ରୁଜୁ ହୋଇଥିବାବେଳେ ସେମାନେ ଫେରାର ଥିବା ପୋଲିସ କହିଛି। ତେବେ ସରକାରୀ ଜମି ବିକ୍ରି କରୁଥିବା ନେଇ ଥାନାରେ ଅଭିଯୋଗ ହେବା ପରେ ଏହାର ଗୁମର ଖୋଲିଛି। ଏକାଥରକେ ୫୦ ହଜାରରୁ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ହାତଗୁଞ୍ଜା ଦେଇ ଏହି ଜମି କାରବାର ହେଉଥିବା ଥାନାରେ ଅଭିଯୋଗ ହୋଇଥିଲା। ପ୍ରଭାତ ପାଣି ସେଠାରେ ଜମି ପାଇଁ ୫ ଲକ୍ଷ ଟଙ୍କା ଦଲାଲଙ୍କୁ ଦେଇଥିଲେ। ପରେ ସେ ଜମିରେ ଘର ନିର୍ମାଣ ଆରମ୍ଭ କରିଥିଲେ। ମାତ୍ର ଆଉ ୨ ଲକ୍ଷ ଟଙ୍କା ଦେଲେ ଜାଗା ମିଶନରେ ଘର ମିଳିବ ବୋଲି ଦଲାଲମାନେ କହିଥିଲେ। ହେଲେ ସେ ଏଥିରେ ରାଜି ନ ହେବାରୁ ଜାଣିଶୁଣି ତାଙ୍କ ନାମ ଜାଗା ମିଶନ ତାଲିକାରୁ କାଟିଦିଆଯିବା ସହ ଘର ଭାଙ୍ଗି ଦିଆଯାଇଛି। ଏନେଇ ସେ ଥାନାରେ ଅଭିଯୋଗ କରିଛନ୍ତି। ସେହିପରି ତ୍ରିନାଥ ଓଝା ମଧ୍ୟ ସମାନ ଭାବେ ଠକାମିର ଶିକାର ହୋଇଥିବା ଥାନାରେ ଅଭିଯୋଗ ହୋଇଛି। ସେଠାରେ ଜାଗା ମିଶନ ଜରିଆରେ ଜମି ଦେବାକୁ କହି ତାଙ୍କଠାରୁ ଲକ୍ଷାଧିକ ଟଙ୍କା ଠକି ନିଆଯାଇଥିବା ସେ ଅଭିଯୋଗ କରିଛନ୍ତି।

### ସଂକ୍ଷେପରେ

#### ଗଞ୍ଜେଇ ଜବତ, ଯୁବକ କୋର୍ଟ ଚାଲାଣ

ତିଗିରିଆ,୨୭।୧୨(ଜାଫର ଖାଁ)

ତିଗିରିଆ ଥାନା ଅନ୍ତର୍ଗତ ବିନ୍ଧାଣିମା ଗ୍ରାମରୁ ଗଞ୍ଜେଇ ବ୍ୟବସାୟ କରିବା ଅଭିଯୋଗରେ ତିଗିରିଆ ପୋଲିସ ଶୁକ୍ରବାର ଜଣେ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ବିନ୍ଧାଣିମା ଗ୍ରାମର ପ୍ରତାପ ରାଉତ(୫୦)। ତାଙ୍କଠାରୁ ୯ କିଲୋ ୩୬୦ ଗ୍ରାମ ଗଞ୍ଜେଇ ଜବତ ହୋଇଛି। ପ୍ରତାପ ଗୁହାଳରେ ଗଞ୍ଜେଇ ଲୁଚେଇ ରଖିଥିବା ଖବରପାଇ ଆଇଆଇସି ସମରେନ୍ଦ୍ର ପାଇକରାୟ ସେଠାରେ ଚଢ଼ାଉ କରି ପ୍ରତାପଙ୍କୁ ଧରିଥିଲେ। ଏନେଇ ଥାନାରେ ମାମଲା (ନଂ. ୩୦୫/୨୪) ରୁଜୁ ହୋଇଛି।

#### ‘ଭକ୍ତିରୁ ମିଳେ ଶକ୍ତି’

##### ସର୍ବଧର୍ମ ସମ୍ମିଳନୀ ଉଦ୍‌ଘାଟିତ

ତିଗିରିଆ,୨୭।୧୨(ଜାଫର ଖାଁ)

ପଞ୍ଜାବ ରାଜ୍ୟର କାଦିଆନଠାରେ ଶୁକ୍ରବାର ଜମାତ୍ ଅହମ୍ମଦିୟା ତରଫରୁ ୩ ଦିନିଆ ଜଲସା ସାଲାନା (ସର୍ବଧର୍ମ ସମ୍ମିଳନୀ) ଉଦ୍‌ଘାଟିତ ହୋଇଯାଇଛି। ଏହି ଉତ୍ସବରେ ସଭାପତି ସଦର ଅଞ୍ଜୁମନ ଅହମ୍ମଦିୟାର ମୌଲାନା ମୁହମ୍ମଦ କରିମୁଦ୍ଦିନ ଶାହିଦ ପୌରୋହିତ୍ୟ କରି କହିଥିଲେ। ପବିତ୍ର କୋରାନ ଶ୍ଲୋକ ପାଠ କରାଯାଇ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ମୌଲବି ନସରୁମିନ୍‌ଲ୍ଲାଃ ଉର୍ଦ୍ଧୁ କବିତା ନଜମ୍ ପାଠ କରିଥିଲେ । ପ୍ରଥମ ଅଧିବେଶନର ମୁଖ୍ୟବକ୍ତା ଭାବେ ଅହମ୍ମଦିୟା କେନ୍ଦ୍ରୀୟ ପ୍ରଚାର ବିଭାଗର ସଚିବ ମୌଲାନା ମୁହମ୍ମଦ ହମିଦ କୌସର ଯୋଗଦେଇ ଈଶ୍ୱରଙ୍କ ଭକ୍ତିରୁ ଶକ୍ତି ମିଳିଥାଏ ବୋଲି କହିଥିଲେ। ଅନ୍ୟତମ ବକ୍ତାଭାବେ ଜାମିଆ ଅହମ୍ମଦିୟାର ପ୍ରଧାନ ଅଧାପକ ମୌଲାନା ଅତାଉଲ ମୁଜିବ ଲୋନ ଯୋଗଦେଇ ବକ୍ତବ୍ୟ ଦେଇଥିଲେ। ଜୁମା ଖୁତବା ପ୍ରବଚନ ଓ ନମାଜ ପାଠ ସହ ମୌଲାନା ସୟଦ୍ କଲିମୁଦ୍ଦିନ ପାଠ କରାଇଥିଲେ । ଦ୍ୱିତୀୟ ଅଧିବଶନରେ ମୁଖ୍ୟବକ୍ତା ଭାବେ ଅହମ୍ମଦିୟା ମୁସ୍‌ଲିମ ସଂଗଠନର ମୁଖ୍ୟ ସଚିବ ମୌଲାନା ମୁହମ୍ମଦ ଇନାମ ଘୋରୀ, ଅନ୍ୟତମ ବକ୍ତାଭାବେ ମୌଲାନା ତନୱିର ଅହମଦ ନାସିର, ପୈଗମ୍ବର ମହମ୍ମଦ ପ୍ରମୁଖ ଯୋଗଦେଇଥିଲେ।



ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ଓଡ଼ିଶାର ୪୯ତମ ରାଜ୍ୟ ଅଧିବେଶନର ଶୁକ୍ରବାର ଦ୍ୱିତୀୟ ଦିବସରେ କଟକ ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମ ନିକଟରୁ କଲେଜ ଛକ ପର୍ଯ୍ୟନ୍ତ ବାହାରିଥିବା ଶୋଭାଯାତ୍ରା।

## କାର୍ଯ୍ୟାନୁଷ୍ଠାନ ଭୟରେ ପାଚେରି ଭାଙ୍ଗିଦେଲେ

### ବେଆଇନ ଲଘୁ ଖଣିଜ କାରବାର

କଟକ,୨୭।୧୨ (କାର୍ତ୍ତିକ ସାହୁ)

ଆଠଗଡ଼ ତହସିଲ ଅନ୍ତର୍ଗତ ପାଟେଣୀ ଗାଁ ମୌଜାରେ ଜଣେ ବ୍ୟକ୍ତି ବେଆଇନ ଭାବେ ନିର୍ମିତ ଏକ ପାଚେରି ଆଢୁଆଳରେ ଚୋରାରେ ବାଲି ବିକ୍ରି କରିଚାଲିଥିଲେ। ସମ୍ପୃକ୍ତ ବ୍ୟକ୍ତି ସ୍ଥାନୀୟ ଲୋକଙ୍କୁ ଡରାଇ ମହାନଦୀରୁ ବେଆଇନ ବାଲି ଉତ୍ତୋଳନକରି ଚଢ଼ାଦରରେ ବାହାରେ ବିକ୍ରି କରୁଥିଲେ। ସ୍ଥାନୀୟ ଜନସାଧାରଣ ଏହାକୁ ବିରୋଧ କରିବା ସହ ଜିଲା ପ୍ରଶାସନ ନିକଟରେ ଅଭିଯୋଗ କରିଥିଲେ। ଜିଲା ଖଣି ଅଧିକାରୀଙ୍କ ତଦନ୍ତ ରିପୋର୍ଟ ଆଧାରରେ ଆଠଗଡ଼ ଉପଜିଲାପାଳ ପ୍ରହ୍ଲାଦ ନାରାୟଣ ଶର୍ମା ସରକାରୀ ଜମିରେ ବେଆଇନ ଭାବେ ନିର୍ମାଣ କରାଯାଇଥିବା ଉପରୋକ୍ତ ପାଚେରି ଭାଙ୍ଗିବା ନିମନ୍ତେ ଆଦେଶ ଜାରି କରିଥିଲେ। ଏହି ଆଦେଶ ମୁତାବକ ସରକାରୀ କାର୍ଯ୍ୟାନୁଷ୍ଠାନ ସମ୍ମୁଖୀନ ହେବା ପୂର୍ବରୁ ଭୟବଶତଃ ବ୍ୟକ୍ତି ଜଣକ ରାତାରାତି ପାଚେରିକୁ ଭାଙ୍ଗି ଦେଇଥିଲେ। ବେଆଇନ ଲଘୁଖଣିଜ କାରବାର ଉପରେ ଆଗାମୀ ଦିନରେ ଏଭଳି ଭାବେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

## ଜିରୋ ନାଇଟ୍ ପାଇଁ କମିଶନରେଟ୍ ପୋଲିସର ପ୍ରସ୍ତୁତି

### ଡ୍ରଙ୍କ୍ ଆଣ୍ଡ ଡ୍ରାଇଭିଂକୁ ସ୍ୱତନ୍ତ୍ର ଧ୍ୟାନ-ଡିସିପି

ଭୁବନେଶ୍ୱର,୨୭।୧୨(ସତ୍ୟଜିତ୍ ରାଉତ)

ନୂଆବର୍ଷକୁ ଉତ୍ସାହର ସହ ପାଳନ କରିବାକୁ ସମସ୍ତେ ପ୍ରସ୍ତୁତି ଆରମ୍ଭ କରିଲେଣି। ବିଶେଷକରି ଭୁବନେଶ୍ୱରରେ ଜିରୋ ନାଇଟ୍ ସେଲିବ୍ରେଶନ୍ ପାଇଁ ହୋଟେଲ, ବାର୍ ଓ ସହରର ଅନ୍ୟାନ୍ୟ ସ୍ୱତନ୍ତ୍ର ସ୍ଥାନରେ ବିଶେଷ ଆୟୋଜନ ହୋଇଛି। ଜିରୋ ନାଇଟ୍ ସେଲିବ୍ରେଶନ୍‌କୁ ସୁରକ୍ଷିତ ଓ ଶୃଙ୍ଖଳିତ କରିବା ପାଇଁ କମିଶନରେଟ୍ ପୋଲିସ ପକ୍ଷରୁ ପ୍ରସ୍ତୁତି ହୋଇଛି। ଏନେଇ ଭୁବନେଶ୍ୱର ଡିସିପି ପିନାକ ମିଶ୍ର କହିଛନ୍ତି, ସେଲିବ୍ରେଶନ ଆଳରେ ବିଶୃଙ୍ଖଳା ଆଚରଣ ପ୍ରଦର୍ଶନକୁ ବରଦାସ୍ତ କରାଯିବ ନାହିଁ। ଡ୍ରଙ୍କ୍ ଆଣ୍ଡ ଡ୍ରାଇଭ୍ ସବୁଠୁ ବଡ଼ ଆହ୍ୱାନ। ନୂଆବର୍ଷର ଏହି ସମୟରେ ପ୍ରତ୍ୟେକ ବର୍ଷ ଭୟାବହ ଦୁର୍ଘଟଣା ଘଟି ମୂଲ୍ୟବାନ ଜୀବନ ଯାଇଥାଏ। ଡ୍ରଙ୍କ୍ ଆଣ୍ଡ ଡ୍ରାଇଭ୍‌କୁ ବନ୍ଦ କରିବାକୁ ଆମେ ସ୍ୱତନ୍ତ୍ର ଧ୍ୟାନ ଦେଉଛୁ। ଟ୍ରାଫିକ୍ ଟିମ୍‌ର ମିଳିତ ସହଯୋଗରେ ଆମେ ମଦ୍ୟପାନ କରି ଗାଡ଼ି ଚଳାଇବା ପ୍ରତି ବିଭିନ୍ନ ସ୍ଥାନରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବୁ। ସହରବାସୀ ଖୁସିର ସହ ଏହି ଉତ୍ସବକୁ କେମିତି ପାଳନ କରିବେ ସେନେଇ ଆମେ ଗୁରୁତ୍ୱ ଦେବୁ। କୌଣସି ସ୍ଥାନକୁ ସେଲିବ୍ରେଶନ୍ ପାଇଁ ଗଲେ ବ୍ୟକ୍ତିଗତ ଡ୍ରାଇଭରଙ୍କୁ ନେଇ ଯିବାକୁ ଡିସିପି ପରାମର୍ଶ ଦେଇଛନ୍ତି। ଉନ୍ମାଦ ଆଚରଣ କଲେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନେବୁ ବୋଲି ମିଶ୍ର ଚେତାବନୀ ଦେଇଛନ୍ତି।

## ଦାବି ପୂରଣ ନ ହେଲେ ଆନ୍ଦୋଳନ ଚେତାବନୀ

କଟକ,୨୭।୧୨(ଶିଳ୍ପା ପ୍ରିୟଦର୍ଶିନୀ)

ବିଭିନ୍ନ ଦାବି ପୂରଣ ପାଇଁ ବିଜେଡିର ବରିଷ୍ଠ ନେତା ତଥା ପୂର୍ବତନ ବିଧାୟକ ପ୍ରତାପ ଜେନାଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ କଟକ ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ସିନ୍ଦେଙ୍କୁ ଶୁକ୍ରବାର ଭେଟି ଦାବିପତ୍ର ପ୍ରଦାନ କରିଛି। ଅଦିନିଆ ବର୍ଷାରେ କ୍ଷତିଗ୍ରସ୍ତ ଚାଷୀଙ୍କୁ ଉପଯୁକ୍ତ କ୍ଷତିପୂରଣ ପ୍ରଦାନ ସହ ଚାଷୀଙ୍କ ଅନ୍ୟାନ୍ୟ ସମସ୍ୟା ସମ୍ପର୍କରେ ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଜିଲାପାଳଙ୍କ ସହ ଆଲୋଚନା ପରେ ପ୍ରତାପ କହିଛନ୍ତି, ଅଦିନିଆ ବର୍ଷା ଚାଷୀଙ୍କ ମେରୁଦଣ୍ଡ ଭାଙ୍ଗିଦେଇଛି। ଏଭଳି ପରିସ୍ଥିତିରେ ସରକାରୀ ଅଧିକାରୀ ଚାଷୀଙ୍କ ନିକଟରେ ପହଞ୍ଚି କ୍ଷୟକ୍ଷତି ଆକଳନ କରିବା ଆବଶ୍ୟକ ଥିଲା,


ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ସିନ୍ଦେଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

ହେଲେ ଏପର୍ଯ୍ୟନ୍ତ ତାହା କରାଯାଇନାହିଁ। ବୀମା ପଞ୍ଜୀକରଣ କରିବା ସମୟ ପର୍ଯ୍ୟାପ୍ତ ନୁହେଁ। ସମସ୍ତ କ୍ଷୟକ୍ଷତିକୁ ତୁରନ୍ତ ଆକଳନ କରାଯାଇ କ୍ଷତିପୂରଣ ଦିଆଯାଉ। ନଚେତ୍ କଟକ ଜିଲା ବିଜେଡି ଚାଷୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ରାଜରାସ୍ତା ଆନ୍ଦୋଳନ କରିବ ବୋଲି ଜେନା କହିଛନ୍ତି। ସେହିପରି ବିଜେଡି ନେତା ତଥା ରାଜ୍ୟ ସଭା ସଦସ୍ୟ ଦେବାଶିଷ ସାମନ୍ତରାୟ କହିଛନ୍ତି, ଜିଲା ପ୍ରଶାସନ ପକ୍ଷରୁ ଚାଷୀଙ୍କ କ୍ଷୟକ୍ଷତି ଆକଳନ ଦିଗରେ ଜିଲାପାଳ ପଦକ୍ଷେପ ନେବା ଆବଶ୍ୟକ। ଅପରପକ୍ଷରେ ଜିଲାପାଳ ସିନ୍ଦେ କହିଛନ୍ତି, ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାରେ ସାଢେ ୯ ହଜାର ଲୋକ ପଞ୍ଜୀକରଣ କରିସାରିଛନ୍ତି। ସର୍ଭେ କାର୍ଯ୍ୟ ଜାରି ରହିଛି। ଏଥିସହ ସଚେତନତା କାର୍ଯ୍ୟ ଆରମ୍ଭ ହୋଇଛି। ସମସ୍ତ ତହସିଲଦାର, ବିଡିଓ ଓ ଅନ୍ୟାନ୍ୟ ଅଧିକାରୀଙ୍କୁ କ୍ଷୟକ୍ଷତି ଆକଳନ କରିବା ପାଇଁ ଶୁକ୍ରବାର ନିର୍ଦ୍ଦେଶ ଦିଆଯାଇଛି। ୧୪୪୭ ନମ୍ବରରେ ଫୋନ୍ କଲେ ସିଧାସଳଖ ପଞ୍ଜୀକରଣ ହୋଇଯିବ ଏବଂ ୭୨ ଘଣ୍ଟା କେବଳ ପଞ୍ଜୀକରଣ ପାଇଁ ରଖାଯାଇଛି। ପରେ ଆକଳନର ସମୟ ରହିଛି ବୋଲି ସିନ୍ଦେ କହିଛନ୍ତି। ଦାବିପତ୍ର ପ୍ରଦାନବେଳେ ବାଙ୍କୀ ବିଧାୟକ ଦେବୀରଞ୍ଜନ ତ୍ରିପାଠୀଙ୍କ ସମେତ କର୍ମୀମାନେ ଉପସ୍ଥିତ ଥିଲେ।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ବଳରାମ


@ ମାନସ


@ ରୂପାଲୀ


@ ସିଲୁ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ପଦ୍ମିନୀ କେୟାରରେ ଟିକାକରଣ କ୍ଲିନିକ୍ ଲୋକାର୍ପିତ



ଟିକାକରଣ କ୍ଲିନିକ୍ ଲୋକାର୍ପଣ ଉତ୍ସବରେ ଉପସ୍ଥିତ ଅତିଥିବୃନ୍ଦ।

କଟକ,୨୭।୧୨(କାର୍ତ୍ତିକ ସାହୁ)

ଟାଙ୍ଗୀସ୍ଥିତ ପଦ୍ମିନୀ କେୟାର ହସ୍ପିଟାଲରେ ଟିକାକରଣ କ୍ଲିନିକ୍ ଶୁକ୍ରବାର ଲୋକାର୍ପିତ ହୋଇଯାଇଛି। ସବୁ ବର୍ଗର ଲୋକଙ୍କ ପାଇଁ ବିଭିନ୍ନ ଜଟିଳ ରୋଗର ପ୍ରତିଷେଧକ ନିମନ୍ତେ ଟିକା ପ୍ରଦାନ କରାଯିବାର ସୁବିଧା ଏଠାରେ ରହିଛି। ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର ସହ ଅଧ୍ୟକ୍ଷ ଇଂ. ଦୁର୍ଗା ପ୍ରସାଦ ରଥ ଏହି କ୍ଲିନିକ୍‌କୁ ଲୋକାର୍ପିତ କରିବା ସହ ଜନସାଧାରଣ ଏହାଦ୍ୱାରା ଉପକୃତ ହେବେ ବୋଲି ଆଶାବ୍ୟକ୍ତ କରିଛନ୍ତି। କମ୍ୟୁନିଟି ମେଡିସିନ ବିଭାଗର ମୁଖ୍ୟ ପ୍ରଫେସର ଡା. ଅରବିନ୍ଦ ସାମନ୍ତରାୟଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଡ୍ରିମ୍‌ସ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ହେଲଥ୍ ସାଇନ୍ସ ଓ ହସ୍ପିଟାଲର ଡିନ୍ ପ୍ରଫେସର ଡା. ବିରଞ୍ଚି ନାରାୟଣ ମହାପାତ୍ର, ପ୍ରଫେସର ଡା. ବିଷ୍ଣୁ ପ୍ରସାଦ ରଥ, ପ୍ରଫେସର ଡା. ପ୍ରତିମା ମିଶ୍ର, ପ୍ରଫେସର ଡା. ନଳିନୀକାନ୍ତ ତ୍ରିପାଠୀ, ଡା. ବୁଲୁ ମହାନ୍ତି, ଡା. ପ୍ରତୀକ୍ ରଞ୍ଜନ ନାୟକ, ଡା. ରଶ୍ମିରଞ୍ଜନ ବାରିକ, ହସ୍ପିଟାଲର ସିଇଓ ଡା. ଜ୍ୟୋତି ପ୍ରକାଶ ପରିଡାଙ୍କ ସମେତ ବିଭିନ୍ନ ବିଭାଗର ଡାକ୍ତର ଯୋଗଦେଇ ଟିକାକରଣ ସଚେତନତା ସୃଷ୍ଟି ଉପରେ ଗୁରୁତ୍ୱାରୋପ କରିଥିଲେ। ମାନବ ସମ୍ବଳ ବିଭାଗ ମୁଖ୍ୟ ପ୍ରଦ୍ୟୁତ୍ କୁମାର ଷଡ଼ଙ୍ଗୀଙ୍କ ସମେତ ଶିବରାମ ସୁର୍, ଶୁଭେନ୍ଦୁ ସିଂ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

